# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 21, DATE : 16.02.2026 - 28.02.2026 FORTNIGHTLY (ODIA), BHUBANESWAR. PAGES-08


## ଦିନକୁ ଦିନ ଭୟାବହ ହେଉଛି ବିସ୍ଥାପନ ସମସ୍ୟା ଓ ରାଷ୍ଟ୍ରୀୟ ଦମନଲୀଳା

ରାଜ୍ୟରେ ପ୍ରତିଷ୍ଠିତ ବିଜେପି ସରକାର ଦୁଇବର୍ଷ ପୂରଣ କରିବାକୁ ଯାଉଛି। ତେବେ ଇତିମଧ୍ୟରେ ରାଜ୍ୟରେ ଥିବା ବିଶାଳ ଖଣିଜ ସଂପଦ, ବନଜ ସଂପଦ, ଜଳ, ଉର୍ବର ଚାଷ ଜମି ଓ ଅନ୍ୟାନ୍ୟ ମୂଲ୍ୟବାନ ସଂପଦକୁ କମ୍ପାନୀମାନଙ୍କ ହାତରେ ଟେକି ଦେବା ପାଇଁ ସାଧାରଣ ଜନତାଙ୍କ ଉପରେ ସରକାର ଯେଉଁ ନୃଶଂସ ଦମନଲୀଳା ଚଳାଇଛନ୍ତି, ତା' ଅତୀତର ସମସ୍ତ ରେକର୍ଡକୁ ଟପିଯାଇଛି। ଯାଜପୁର ରୋଡ ନିକଟସ୍ଥ କଳିଙ୍ଗନଗରରେ ଟାଟା କମ୍ପାନୀ ସ୍ୱାର୍ଥରେ ୨୦୦୬ ମସିହାରେ ତତ୍କାଳୀନ ବିଜେଡି-ବିଜେପି ମେଣ୍ଟ ସରକାର ଦ୍ୱାରା ହୋଇଥିବା ନାରକୀୟ ଗଣହତ୍ୟା ଜନ ସ୍ମୃତିରୁ ଆଜି ମଧ୍ୟ ଲିଭି ନାହିଁ। ସେହି ଧାରା ଓ ପ୍ରକ୍ରିୟାରେ ଡବଲ ଇଞ୍ଜିନ ସରକାର କୁହାଯାଉଥିବା ବର୍ତ୍ତମାନର ରାଜ୍ୟ ବିଜେପି ସରକାର ନୃଶଂସତାରେ ବହୁ ଦୂର ଆଗେଇ ଯାଇଛନ୍ତି। ସାଂପ୍ରତିକ ଘଟଣାବଳୀ ତାହା ହିଁ ପ୍ରମାଣ କରୁଛି। ୨୦୨୪ ମସିହାରେ ସରକାର ଗଠନ ହେବା ପରେ ପରେ ହିଁ ଘୋଷଣା ହେଲା କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ୍‌ର ସେହି ୨୨ଟି ଗ୍ରାମ ପଂଚାୟତର ଦୁଇ ଫସଲି ଉର୍ବର ଚାଷ ଜମି ଉପରେ ଜିନ୍ଦଲ-ପୋସ୍କୋ କମ୍ପାନୀର ମିଳିତ ଉଦ୍ୟୋଗରେ ଇସ୍ପାତ କାରଖାନା ପ୍ରତିଷ୍ଠିତ ହେବ, ଯେଉଁଠି ୨୦୧୩ ମସିହାରେ ଶକ୍ତିଶାଳୀ ଜନ ଆନ୍ଦୋଳନ ଚାପରେ ତତ୍କାଳୀନ ବିଜେଡି ସରକାର ଆର୍ସେଲର ମିତ୍ତଲ ସହିତ କାରଖାନା ପ୍ରତିଷ୍ଠା କରିବାପାଇଁ କରିଥିବା ବୁଝାମଣା ପତ୍ର ବାତିଲ କରିବାକୁ ବାଧ୍ୟ ହୋଇଥିଲେ। କୌଣସି ଆଇନକାନୁନକୁ ଭ୍ରୂକ୍ଷେପ ନକରି ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରିତ ଗତିରେ ଓ ଜନଗଣଙ୍କ ଉପରେ ଅତ୍ୟାଚାର ନୃଶଂସ ଭାବେ ଆରମ୍ଭ ହୋଇଗଲା। ଜନଗଣ ମଧ୍ୟ ବୀରବାଣୀ ଶୁଣାଇଲେ, 'ମରିବୁ ପଛେ ଛାଡିବୁ ନାହିଁ, ଆମେ ଭିଟାମାଟି ଓ ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠା କରାଇ ଦେବୁ ନାହିଁ। ଆଗରୁ ମିତ୍ତଲ ହଟାଇଛୁ, ଏଥର ଜିନ୍ଦଲ ପୋସ୍କୋକୁ ବି ଉଠାଇବୁ।' ଆହୁରି ମଧ୍ୟ ସ୍ପଷ୍ଟ ଭାବେ ଘୋଷଣା କଲେ ଆମେ ଶିଳ୍ପ ବିରୋଧି ନୁହେଁ, ଆମେ ଚାହୁଁ ନିଯୁକ୍ତି ସୃଷ୍ଟିକାରୀ ଶ୍ରମ ଭିତ୍ତିକ ଶିଳ୍ପ, ଯେଉଁଥି ପାଇଁ ଏ ଜିଲ୍ଲାରେ ପର୍ଯ୍ୟାପ୍ତ ଖାଲି ଜାଗା ରହିଛି। କେନ୍ଦୁଝର ଜିଲ୍ଲାରେ ଥିବା ଜନଗଣଙ୍କ ଜୀବନ ଜୀବିକାର ଏକମାତ୍ର ଉତ୍ସ ସ୍ୱଳ୍ପ ଉର୍ବର ଚାଷ ଜମିକୁ ଧ୍ୱଂସ କରି ଲୋକଙ୍କୁ ଭିଟା ମାଟିରୁ ଉଚ୍ଛେଦ କରି କମ୍ପାନୀର ଲାଭ ପାଇଁ ଶିଳ୍ପ ପ୍ରତିଷ୍ଠା ପଛରେ ଥିବା ଅସଲ ଅଭିସନ୍ଧି ଏ ଅଂଚଳର ଜନସାଧାରଣ ବୁଝିସାରିଥିଲେ। ପୂର୍ବ ଅଭିଜ୍ଞତାରୁ ଶିକ୍ଷା ନେଇ ଜନସାଧାରଣ ଆହୁରି ସଂଘବଦ୍ଧ ହୋଇଛନ୍ତି ଏବଂ ଗଠନ କରିଛନ୍ତି ଜିନ୍ଦଲ ପ୍ରତିରୋଧ ମଂଚ। ଏହି ମଂଚ ନେତୃତ୍ୱରେ ଆନ୍ଦୋଳନ ଚାଲିଛି। ପୋଲିସ ପ୍ରଶାସନ ଓ ସମସ୍ତ ସରକାରୀ କଳ କମ୍ପାନୀର ଦଲାଲ ସାଜି ନୃଶଂସ ଦମନଲୀଳା ଚଳାଇଛନ୍ତି। ସଂଗ୍ରାମୀ ଜନଗଣ ବୀରତ୍ୱପୂର୍ଣ୍ଣଭାବେ ଏହାର ପ୍ରତିରୋଧ କରୁଛନ୍ତି। ଗତ ନଭେମ୍ବର ୨୬ତାରିଖ ରାତି ଦୁଇଟାରେ ଏକ ବିଶାଳ ସଶସ୍ତ୍ର ପୋଲିସ ବାହିନୀ ଯମୁନାପୋଷି ଗାଁରେ ପଶି ଆନ୍ଦୋଳନର ନେତା ବେଣୁଧର ସର୍ଦ୍ଦାରଙ୍କ ଘରର ଝରକା, କବାଟ ଭାଙ୍ଗି ତାଙ୍କୁ ଓ ତାଙ୍କର ସାନ ଭାଇ ତଥା ବିଭିନ୍ନ ଗାଁରୁ ଏହିଭଳି ଭାବେ ୮ଜଣଙ୍କୁ ଉଠାଇ ନେଇ ମିଥ୍ୟା ମକଦ୍ଦମା ଦେଇ ଜେଲରେ ପୁରାଇଛନ୍ତି। ଆନ୍ଦୋଳନକାରୀମାନଙ୍କ ଉପରେ ହତ୍ୟା, ଡକାୟତି, ହିଂସା ଭିଆଇବା ଆଦି ନାନା ମିଥ୍ୟା ମକଦ୍ଦମା ଲଗାଇ ୱାରେଣ୍ଟ ଜାରି କରିଛନ୍ତି। ବିଭିନ୍ନ ଗାଁରେ ପୋଲିସ ପଇଁତରା ମାରି ଭୟ ଓ ସନ୍ତ୍ରାସର ବାତାବରଣ ସୃଷ୍ଟି କରିଚାଲିଛି। ଆନ୍ଦୋଳନକାରୀ ଜନସାଧାରଣଙ୍କୁ ସାକ୍ଷାତ କରିବାକୁ ଯାଇଥିବା ଜଣେ ସର୍ବଭାରତୀୟ ସମ୍ମାନସ୍ପଦ କୃଷକ ନେତା, ସଂଯୁକ୍ତ କିଷାନ ମୋର୍ଚ୍ଚାର ଅନ୍ୟତମ ରାଷ୍ଟ୍ରୀୟ ସଂପାଦକ ଶ୍ରୀ ସତ୍ୟବାନ ଓ ତାଙ୍କ ସହିତ ଥିବା ଅନ୍ୟାନ୍ୟ କୃଷକ ନେତାମାନଙ୍କୁ କମ୍ପାନୀର ଗୁଣ୍ଡାମାନେ ଅପହରଣ କରିଛନ୍ତି ଓ ସ୍ଥାନୀୟ ତୁରମୁଙ୍ଗା ପୋଲିସ ଷ୍ଟେସନରେ ସ୍ୱୟଂ ଥାନା ଇନଚାର୍ଜ ଉପସ୍ଥିତିରେ ଅଶ୍ରାବ୍ୟ ଗାଳିଗୁଲଜ ଓ ଧମକ ଚମକ ଦେଇଛନ୍ତି। ପୋଲିସ ମଧ୍ୟ ସାମାଜବିରୋଧୀ ମାନଙ୍କ ସହିତ ଏକ ହୋଇଯାଇଛି, ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା। ପ୍ରଶାସନ ପୋଲିସ ଲଗାଇ ପ୍ରାୟୋଜିତ ପଲ୍ଲୀସଭା କରାଇ ନେବାକୁ ଯେତେ ଚେଷ୍ଟା କଲେ ବି ସଫଳ ହୋଇପାରୁନାହିଁ। ତଥାକଥିତ ସପକ୍ଷବାଦୀ ମାନଙ୍କ ବିଭାଜନକାରୀ କୌଶଳକୁ ମଧ୍ୟ ଜନଗଣ ପ୍ରତିହତ କରୁଛନ୍ତି। ବହୁ ଲୋକ ଏପରିକି ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ମାଳ ମାଳ ମିଥ୍ୟା ମକଦ୍ଦମା ଲଗାଇ ଗିରଫ କରିବା ପାଇଁ ଦିନରାତି ହିଂସ୍ର ପ୍ରଚେଷ୍ଟା ଚାଲିଛି। ଅନେକ ଆତ୍ମଗୋପନ କରିବାକୁ ବାଧ୍ୟ ହୋଇଛନ୍ତି। ତା ସତ୍ତ୍ୱେ ବି ସ୍ତରେ ସ୍ତରେ ସଂଗ୍ରାମୀ ନେତୃତ୍ୱ ଗଢି ଉଠୁଛି, ବିଶେଷକରି ମହିଳାମାନେ ସାହସିକତାର ସହିତ ସଶସ୍ତ୍ର ପୋଲିସ ବଳକୁ ସାମ୍ନା କରୁଛନ୍ତି, ଅନ୍ୟାୟ ଗିରଫଦାରୀର ପ୍ରତିବାଦ କରି ରାସ୍ତାରୋକ ଭଳି ଆନ୍ଦୋଳନ ମଧ୍ୟ କରୁଛନ୍ତି। ଗାଁରେ ଗାଁରେ ହେଉଥିବା ଲୋକମାନଙ୍କ ମେଳି ଓ ଜନଜାଗରଣ ଆଜି କମ୍ପାନୀ ଓ ସରକାରଙ୍କ ନିଦ ହଜାଇ ଦେଇଛି।

ସେହିଭଳି ସୁନ୍ଦରଗଡ ଜିଲ୍ଲାର କୁତ୍ରା ବ୍ଲକ୍‌ର ପ୍ରାୟ ୬ଟି ପଂଚାୟତର ଦୁଇ ହଜାର ଏକର ଚାଷ

*(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)*

## ସୁପ୍ରିମ କୋର୍ଟ ମୁଖ୍ୟ ବିଚାରପତିଙ୍କ ଟ୍ରେଡ ୟୁନିଅନ ବିରୋଧୀ ମନ୍ତବ୍ୟ ନ୍ୟାୟ ବ୍ୟବସ୍ଥାର ଶ୍ରେଣୀ ଚରିତ୍ରକୁ ହିଁ ଉଜାଗର କରୁଛି

ସମ୍ପ୍ରତି ଘରୋଇ ଶ୍ରମିକ ମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ଧାର୍ଯ୍ୟ କରିବା ସଂକ୍ରାନ୍ତୀୟ ଏକ ଜନସ୍ୱାର୍ଥ ସମ୍ୱଳିତ ମାମଲାର ଶୁଣାଣି ସମୟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଟ୍ରେଡ୍ ୟୁନିଅନ୍ ଆନ୍ଦୋଳନ ସମ୍ପର୍କରେ ଦେଇଥିବା ଏକ ମନ୍ତବ୍ୟ ଶ୍ରମିକ ମାନଙ୍କ ସ୍ୱାର୍ଥ ପାଇଁ ଲଢେଇ କରୁଥିବା ଶ୍ରମିକ ସଂଗଠନ ତଥା ସାରା ଦେଶର ସଚେତନ ଲୋକଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି।ମୁଖ୍ୟ ବିଚାରପତି କହିଛନ୍ତି ଯେ ଦେଶରେ ଶିଳ୍ପ ବିକାଶ ବ୍ୟାହତ ହେବାପାଇଁ ଟ୍ରେଡ୍ ୟୁନିଅନ୍ ଆନ୍ଦୋଳନ ମୁଖ୍ୟତଃ ଦାୟୀ। ସେ ଆବେଦନ କର୍ତ୍ତାଙ୍କୁ ପ୍ରଶ୍ନ କରିଛନ୍ତି - ଆପଣ କ'ଣ ଜାଣନ୍ତି ଟ୍ରେଡ୍ ୟୁନିଅନ୍ ଯୋଗୁଁ ଦେଶରେ କେତେ ଶିଳ୍ପ ପ୍ରତିଷ୍ଠାନ ବନ୍ଦ ହୋଇଯାଇଛି ? ଶ୍ରମିକ ସଂଗଠନ ଗୁଡ଼ିକୁ 'ପତାକା ସଂଗଠନ' ବୋଲି ଶ୍ଳେଷ କରି ମୁଖ୍ୟ ବିଚାରପତି ମହୋଦୟ କହିଛନ୍ତି ଏହି 'ପତାକା ସଂଗଠନ' ଗୁଡ଼ିକ ଯୋଗୁ ଦେଶବ୍ୟାପୀ ବିଭିନ୍ନ ଶିଳ୍ପ ବନ୍ଦ ହୋଇଯାଇଛି।

ମୁଖ୍ୟ ବିଚାରପତି ହଠାତ୍ ଅତ୍ୟନ୍ତ ଅପ୍ରାସଙ୍ଗିକ ଭାବରେ ଟ୍ରେଡ୍ ୟୁନିଅନ୍ ଆନ୍ଦୋଳନ ଉପରେ କଟାକ୍ଷ କରିବା ଅର୍ଥ ହେଉଛି ସେ ନିଶ୍ଚିତ ଯେ ଦେଶର ଶ୍ରମିକ ୟୁନିଅନ୍ ଗୁଡ଼ିକହିଁ ଶିଳ୍ପ ବିକାଶ କ୍ଷେତ୍ରରେ ମୁଖ୍ୟ ବାଧା । କିନ୍ତୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ଆସନରେ ବସି ଦେଶରେ କଳ କାରଖାନା ବନ୍ଦ ହେବାର ଯେଉଁ କାରଣ ସେ ଉଲ୍ଲେଖ କରିଛନ୍ତି ତାହା ସେ କେଉଁ ଆଧାରରେ କହିଲେ ସେକଥା ଜାଣିବାର ଅଧିକାର ନିଶ୍ଚିତ ଭାବରେ ଦେଶର ଜନ ସାଧାରଣଙ୍କର ରହିଛି। ପ୍ରଶ୍ନ ହେଉଛି, ଶ୍ରମିକ ୟୁନିଅନ୍ ଆନ୍ଦୋଳନ ଯୋଗୁ କୌଣସି କାରଖାନା ବନ୍ଦ ହୋଇଛି କି ନାହିଁ, ଯଦି ହୋଇଛି ତେବେ ତାର ସଂଖ୍ୟା କେତେ ଏବଂ କେତେ କାରଖାନା ମାଲିକ ପୁଞ୍ଜିପତିମାନେ ନିଜେ ଅନ୍ୟ କାରଣରୁ ବନ୍ଦ କରିଛନ୍ତି ସେ ସଂପର୍କିତ କୌଣସି ନିର୍ଭରଯୋଗ୍ୟ ପରିସଂଖ୍ୟାନ ମୁଖ୍ୟ ବିଚାରପତିଙ୍କ ନିକଟରେ ଅଛି କି ?

କେଉଁ କାରଣରୁ ସାରା ଦେଶରେ ଲକ୍ଷ ଲକ୍ଷ ଛୋଟ ଓ ମଧ୍ୟମ ଧରଣର କାରଖାନା ବନ୍ଦ ହୋଇଛି ସେ ବିଷୟରେ ତାଙ୍କ ପାଖରେ ଯଥେଷ୍ଟ ସୂଚନା ଅଛି କି ? ଯଦି ଅଛି ତାହେଲେ ସେ ତାଙ୍କ ବକ୍ତବ୍ୟର ଆଧାର ଭାବରେ ଏହି ତଥ୍ୟକୁ କାହିଁକି ଉପସ୍ଥାପନ କଲେ ନାହିଁ ? ଯଦି ଏଭଳି କୌଣସି ତଥ୍ୟ ନାହିଁ ତେବେ ମୁଖ୍ୟ ବିଚାରପତି କେଉଁ ଆଧାରରେ ସୁପ୍ରିମକୋର୍ଟରେ ବସି ଏହିଭଳି ଏକ ଦାୟିତ୍ୱହୀନ ମନ୍ତବ୍ୟ ଦେଲେ ? ମୁଖ୍ୟ ବିଚାରପତିଙ୍କ ଏହି ମନ୍ତବ୍ୟ କଣ ସମ୍ପୂର୍ଣ୍ଣ କପୋଳକଳ୍ପିତ ?

ତେବେ ପ୍ରଧାନ ବିଚାରପତିଙ୍କର ଏହି ମନ୍ତବ୍ୟ ଦେଶର ମାଲିକ ଶ୍ରେଣୀ ପକ୍ଷରୁ ଦଶନ୍ଧି ଦଶନ୍ଧି ଲଗାତର ଭାବରେ କରାଯାଉଥିବା ଅପପ୍ରଚାର ସହିତ ଆଶ୍ଚର୍ଯ୍ୟଜନକ ଭାବରେ ମିଶି ଯାଉଛି। ମାଲିକ, ଅର୍ଥାତ୍ ଦେଶର ଏକଚାଟିଆ ପୁଞ୍ଜିପତି ଶ୍ରେଣୀ, ଦୀର୍ଘ ସମୟ ଧରି ଦେଶବାସୀଙ୍କ ମଧ୍ୟରେ ଠିକ୍ ଏହାହିଁ ପ୍ରଚାର କରିଆସୁଛନ୍ତି। ମାତ୍ର ଏହି କଥାଗୁଡ଼ିକର ବାସ୍ତବତା କିମ୍ବା ସତ୍ୟ ସହିତ କୌଣସି ସମ୍ପର୍କ ନାହିଁ। ବାସ୍ତବରେ, ମୁଖ୍ୟ ବିଚାରପତି 'ପତାକା ସଂଗଠନ' ବୋଲି ଶ୍ଳେଷ କରିଥିବା ଟ୍ରେଡ୍ ୟୁନିଅନ୍ ଗୁଡ଼ିକ ଯଦି ଆନ୍ଦୋଳନ ସଂଗଠିତ ନକରେ ତା'ହେଲେ ମାଲିକମାନେ ଶ୍ରମିକଙ୍କ ନ୍ୟାଯ୍ୟ ପ୍ରାପ୍ୟରୁ ଗୋଟିଏ ଟଙ୍କା ମଧ୍ୟ ଦେବେ ନାହିଁ। ଅନ୍ୟ ଭାଷାରେ କହିଲେ, ଶ୍ରମିକମାନେ କରୁଥିବା ଆନ୍ଦୋଳନ ଏବଂ ଧର୍ମଘଟ ତିଷ୍ଠି ରହିବାପାଇଁ ଶ୍ରମିକ ମାନଙ୍କର ଏକମାତ୍ର ହତିଆର, ଏହାହିଁ ଇତିହାସ। ଶହ ଶହ ବର୍ଷ ଧରି ରକ୍ତକ୍ଷୟୀ ଆନ୍ଦୋଳନ ଓ ଧର୍ମଘଟ ହିଁ ଶ୍ରମିକ ମାନଙ୍କୁ ପୁଞ୍ଜି ମାଲିକ୍ ମାନଙ୍କର ଅକଥନୀୟ ଶୋଷଣ ଲୁଣ୍ଠନ କବଳରୁ ସାମାନ୍ୟ ନିଃଶ୍ୱାସ ମାରିବା ସ୍ଥିତିକୁ ଆଣିଛି। ଆଜି ଧର୍ମଘଟ ଓ ଆନ୍ଦୋଳନ ଶ୍ରମିକ ମାନଙ୍କର ଏକ ଆଇନଗତ, ସାମ୍ବିଧାନିକ ଅଧିକାର। ମାତ୍ର ଆଶ୍ଚର୍ଯ୍ୟର କଥା, ଦେଶର ଶ୍ରମିକ ମାନଙ୍କ ସମେତ ପ୍ରତ୍ୟେକ ନାଗରିକର ସାମ୍ବିଧାନିକ ଓ ଆଇନ୍ ସମ୍ମତ ଅଧିକାରକୁ ସୁରକ୍ଷିତ କରିବା ନ୍ୟାୟପାଳିକାର ସର୍ବୋଚ୍ଚ ଆସନରେ ବସିଥିବା ପ୍ରଧାନ ବିଚାରପତିଙ୍କର ଏକମାତ୍ର ଦାୟିତ୍ୱ ହୋଇଥିଲେ ମଧ୍ୟ ଶ୍ରମିକମାନଙ୍କର ସମ୍ବିଧାନ ପ୍ରଦତ୍ତ ଅଧିକାରକୁ ତାଙ୍କ ମନ୍ତବ୍ୟ ଜରିଆରେ ସେ କାର୍ଯ୍ୟତଃ ପ୍ରତ୍ୟାଖ୍ୟାନ କରିଛନ୍ତି।

ମାଲିକମାନେ ସବୁବେଳେ ଶ୍ରମିକମାନଙ୍କ ବିରୁଦ୍ଧରେ ଅପପ୍ରଚାରକରି, ଶିଳ୍ପ କ୍ଷେତ୍ରରେ

*(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)*


### ଭିତର ପୃଷ୍ଠାରେ

★ ରୁମାନିଆଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ସମ୍ମିଳନୀରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଯୋଗଦାନ

★ ସ୍ୱାଧୀନତା ଆନ୍ଦୋଳନର ବୁର୍ଜୁଆ ନେତୃତ୍ୱ ସମାଜର ଗଣତାନ୍ତ୍ରିକରଣ କାମଟିକୁ ଚୂଡ଼ାନ୍ତ ଅବହେଳା କରିଛି

# ରୁମାନିଆଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ସମ୍ମିଳନୀରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଯୋଗଦାନ

**(ସେପ୍ଟେମ୍ବର ୧ ରୁ ୬ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ପତ୍ରିକା "Marxism and the Science*f* (ମାର୍କ୍ସବାଦ ଓ ବିଜ୍ଞାନ) ଉଦ୍ୟୋଗରେ "Philosophy and Sciences Towards an International Critical Knowledge Network" (ଦର୍ଶନ ଓ ବିଜ୍ଞାନ: ଏକ ବିଶ୍ଳେଷଣାତ୍ମକ ଆନ୍ତର୍ଜାତିକ ଜ୍ଞାନ ପ୍ରଣାଳୀର ସନ୍ଧାନରେ) ବିଷୟ ଉପରେ ଦ୍ୱିତୀୟ ଆନ୍ତର୍ଜାତିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସ୍ଥାନ ଥିଲା ରୁମାନିଆର ପାର୍ବତ୍ୟ ଅଂଚଳ ଟ୍ରାନ୍ସିଲ୍‌ଭାନିଆର ଛୋଟ ଗାଁ 'ହାଇଫା'। ଏହି ସମ୍ମିଳନୀରେ ଜର୍ମାନୀ, ନେଦରଲ୍ୟାଣ୍ଡ, ଫ୍ରାନ୍ସ, ସୁଇଜରଲ୍ୟାଣ୍ଡ, ଇଟାଲୀ, ରୁମାନିଆ, ହଙ୍ଗେରି, ତୁରସ୍କ, ଯୁକ୍ତରାଷ୍ଟ୍ର ଆମେରିକା ସମେତ ଆହୁରି ବହୁ ଦେଶରୁ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।**

**ପ୍ରତିନିଧିମାନଙ୍କ ମଧ୍ୟରୁ କେତେକ ଥିଲେ ସକ୍ରିୟ ରାଜନୈତିକ କର୍ମୀ, ଅନ୍ୟମାନେ ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନର ମାର୍କ୍ସବାଦୀ ଦର୍ଶନ ବିଷୟରେ ଗବେଷଣାକାରୀ। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପଶ୍ଚିମବଙ୍ଗ ରାଜ୍ୟ କମିଟିର ସଦସ୍ୟ କମ୍ରେଡ୍ ଏସ୍ ବାନାର୍ଜୀ ଭାରତ ପକ୍ଷରୁ ଏକମାତ୍ର ପ୍ରତିନିଧି ଭାବରେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।**

**ଏହି ସମ୍ମିଳନୀରେ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ, ବିଜ୍ଞାନର ଇତିହାସ ଏବଂ ଆଧୁନିକ ସମାଜର ବିଭିନ୍ନ ସମସ୍ୟାର ମାର୍କ୍ସବାଦୀ ବିଶ୍ଳେଷଣ ସଂପର୍କରେ ଟିକିନିଖି ଆଲୋଚନା ହୋଇଥିଲା। ସେହି ସମ୍ମିଳନୀରେ କମ୍ରେଡ୍ ବାନାର୍ଜୀଙ୍କ ବକ୍ତବ୍ୟଟି ସଂପୂର୍ଣ୍ଣ ଭାବେ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ନିମ୍ନରେ ପ୍ରକାଶ କରାଗଲା।)**

## ଦ୍ୱନ୍ଦ୍ୱମୂଳକ ବସ୍ତୁବାଦହିଁ ଆଧୁନିକ ବୈଜ୍ଞାନିକ ପଦ୍ଧତିର ଭିତ୍ତି

ସମାଜତାନ୍ତ୍ରିକ ଶିବିରର ପତନ ଏବଂ ବିଶ୍ୱରେ ପୁଞ୍ଜିବାଦର ଆଧିପତ୍ୟ ପ୍ରତିଷ୍ଠା ପରେ ପ୍ରଚାର ହୋଇଛି ଯେ ମାର୍କ୍ସବାଦ ବ୍ୟର୍ଥ। ମାର୍କ୍ସବାଦର ଦାର୍ଶନିକ ଭିତ୍ତି, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଉପରେ ମଧ୍ୟ ଆକ୍ରମଣ କରାଯାଉଛି। କୁହାଯାଉଛି ଯେ ଏହି ଦର୍ଶନ ଏବେ ପୁରାତନ', 'ପ୍ରାଚୀନ', ଆଜିର ଯୁଗ ପାଇଁ ଅପ୍ରାସଙ୍ଗିକ' ଏବଂ ଇତିହାସବିତ୍ ମାନଙ୍କର ଗବେଷଣାର ବିଷୟ।

ମାତ୍ର ବିଜ୍ଞାନ ଆଜି ମଧ୍ୟ ଏହି ଦର୍ଶନକୁ ଭିତ୍ତି କରି ହିଁ କାମ କରିଚାଲିଛି। ବିଜ୍ଞାନ ବସ୍ତୁ ଜଗତର ସତ୍ୟ ସନ୍ଧାନ କରେ ଏବଂ ତା' ଭିତ୍ତିରେ ପ୍ରକୃତିକୁ ଜାଣିବା ଓ ବିଶ୍ଳେଷଣ କରିବାକୁ ତତ୍ତ୍ୱ ସୃଷ୍ଟି କରେ। ବିଜ୍ଞାନରେ କୌଣସି ଏକ ଅବଧାରଣା କେବଳମାତ୍ର ନିରପେକ୍ଷ ପର୍ଯ୍ୟବେକ୍ଷଣ ଏବଂ ପରୀକ୍ଷା ଦ୍ୱାରା ହିଁ ପ୍ରତିଷ୍ଠିତ ହୁଏ। ଅବଶ୍ୟ, ବୈଜ୍ଞାନିକ ମାନଙ୍କର ବ୍ୟକ୍ତିଗତ ମାନସିକତା ଏବଂ ଦାର୍ଶନିକ ଭାବନା ଏହି ପରୀକ୍ଷା ଓ ପର୍ଯ୍ୟବେକ୍ଷଣର ବିଶ୍ଳେଷଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରେ। ବିଜ୍ଞାନର ଇତିହାସ ଅଣ୍ଡାଳିଲେ ଦେଖାଯିବ ବହୁ ବିଶିଷ୍ଟ ବୈଜ୍ଞାନିକ ଏବଂ ସେମାନଙ୍କର ଚିନ୍ତାର ଅନୁଗାମୀମାନେ ସେମାନଙ୍କର ବିଶ୍ୱାସ ଓ ଦାର୍ଶନିକ ପ୍ରଭାବରୁ ଅଜ୍ଞାତରେ ବହୁ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାରର ପଥ ଅବରୋଧ କରିଛନ୍ତି । ଅତଏବ୍ ଏକ ସଠିକ୍ ଦାର୍ଶନିକ ଭିତ୍ତି ବ୍ୟତିରେକେ ବିଜ୍ଞାନର ଅଗ୍ରଗତି ଅସମ୍ଭବ।

ଯଦିଓ ଅଧିକାଂଶ ବୈଜ୍ଞାନିକ ହୁଏତ ଏହି ବିଷୟରେ ସଚେତନ ନୁହନ୍ତି ଯେ, ବିଜ୍ଞାନର ଭିତ୍ତିରେ ବିକଶିତ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ହିଁ ସେହି ଦାର୍ଶନିକ ଦୃଷ୍ଟିଭଙ୍ଗୀ ପ୍ରଦାନ କରେ। ଅନେକ ମନେକରନ୍ତି, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ କେବଳ ମାତ୍ର 'ତିନୋଟି ନୀତି'ର ସମଷ୍ଟି । କିନ୍ତୁ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ଉଦ୍ଭବ ପୂର୍ବରୁ ଯାନ୍ତ୍ରିକ ବସ୍ତୁବାଦ ଏବଂ ଅତିଭୌତିକ ବିଦ୍ୟା(Metaphysics) ଚିନ୍ତାଧାରାର ପ୍ରାଧାନ୍ୟ ଥିଲା। ଦ୍ୱାନ୍ଦ୍ୱିକ ବସ୍ତୁବାଦର ବିକାଶ ପ୍ରକ୍ରିୟାରେ ମାର୍କ୍ସ ଏବଂ ଏଙ୍ଗେଲ୍ସ ଏହି ଦୁଇ ଧାରାର ଦୁର୍ବଳତା ଗୁଡ଼ିକୁ ସମାଲୋଚନାମୂଳକ ଭାବେ ବିଶ୍ଳେଷଣ କରି ବୈଜ୍ଞାନିକ ଅନୁସନ୍ଧାନକୁ ପରିଚାଳିତ କରିବା ପାଇଁ ଏକ ବିକଳ୍ପ ଦୃଷ୍ଟିଭଙ୍ଗୀ ନିର୍ମାଣ କଲେ। ପରବର୍ତ୍ତୀ କାଳରେ ପଜିଟିଭିଜିମ୍(Positivism) ଦ୍ୱାରା ସୃଷ୍ଟ ବିଭ୍ରାନ୍ତିର ବାଦଲ ଦୂର କରି ଲେନିନ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ଅବସ୍ଥାନକୁ ସୁସଂହତ କରିଥିଲେ।

## ଅଧିବିଦ୍ୟା ଓ ଯାନ୍ତ୍ରିକ ବସ୍ତୁବାଦ ସହିତ ଦ୍ୱାନ୍ଦ୍ୱିକ ପଦ୍ଧତିର ପାର୍ଥକ୍ୟ

ଦର୍ଶନର ଦୁଇ ମୁଖ୍ୟପ୍ରଧାନ ଚିନ୍ତାଧାରା– ବସ୍ତୁବାଦ ଏବଂ ଭାବବାଦ ମଧ୍ୟରେ ବିଜ୍ଞାନ ଦୃଢ଼ ଭାବେ ଭାବବାଦ ବିରୁଦ୍ଧରେ ବସ୍ତୁବାଦ ସପକ୍ଷରେ ଅବସ୍ଥାନ ଗ୍ରହଣ କରେ। ବିଜ୍ଞାନ ପ୍ରାରମ୍ଭରୁ ହିଁ ଏହି ଭିତ୍ତିରୁ ବିଚାର କରେ ଯେ ବସ୍ତୁଜଗତର ଅସ୍ତିତ୍ୱ ଚେତନା ନିରପେକ୍ଷ। ବୈଜ୍ଞାନିକମାନଙ୍କ ପକ୍ଷରେ କାମ କରିବା ଅସମ୍ଭବ ହୋଇ ପଡ଼ିବ, ଯଦି ସେମାନଙ୍କୁ ଧରି ନେବାକୁ ହୁଏ ଯେ, ଯେଉଁ ବସ୍ତୁଗୁଡ଼ିକୁ ନେଇ ସେମାନେ ଗବେଷଣା କରିବେ, ବାସ୍ତବରେ ସେଗୁଡ଼ିକର କୌଣସି ଅସ୍ତିତ୍ୱ ନାହିଁ ଅଥବା ସେଗୁଡ଼ିକ ପ୍ରକୃତରେ କୌଣସି ଏକ ଆଦି ବା ଅତିପ୍ରାକୃତିକ ଭାବ ଜଗତରୁ ସୃଷ୍ଟି ହେଇଛନ୍ତି।

ଅଧିବିଦ୍ୟା(Metaphysics)ର ଦୃଷ୍ଟିଭଙ୍ଗୀ ଜଗତକୁ ବିଶ୍ଳେଷଣ କରିବା କ୍ଷେତ୍ରରେ ଧରି ନେଇଛି ଯେ ସବୁ ବସ୍ତୁର ଚରିତ୍ର ସ୍ଥାୟୀ ଏବଂ ସ୍ଥିତିଶୀଳ। ସେଗୁଡ଼ିକର କୌଣସି ପରିବର୍ତ୍ତନ କିମ୍ବା ବିକାଶ ଘଟେ ନାହିଁ। ଅତିଭୌତିକ (Metaphysics) ଚିନ୍ତାଧାରା ନେଇ ଯେଉଁମାନେ ଚାଲନ୍ତି ସେମାନେ ପ୍ରତିଟି ବସ୍ତୁ ଯେଭଳି ଦେଖା ଯାଉଥାଏ ସେତିକି ହିଁ ବୁଝିବାକୁ ଚେଷ୍ଟା କରନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ ବସ୍ତୁର ଏକ ସହଜାତ ଗୁଣ ବା ଧର୍ମ ରହିଛି ଯାହା ତାର ଅସ୍ତିତ୍ୱ ପାରିପାର୍ଶ୍ୱିକ ଅବସ୍ଥା ଉପରେ ନିର୍ଭରଶୀଳ ନୁହେଁ। ଅତିଭୌତିକ (Metaphysics) ଚିନ୍ତା ପ୍ରତ୍ୟେକ ବସ୍ତୁକୁ ଅନ୍ୟ ବସ୍ତୁଠାରୁ ବିଚ୍ଛିନ୍ନ ଭାବରେ ଦେଖେ ଏବଂ ମନେକରେ ଯେ ସବୁ ବସ୍ତୁର ଚରିତ୍ର ଚିରସ୍ଥାୟୀ ଏବଂ ଅପରିବର୍ତ୍ତନୀୟ ।

ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଦର୍ଶାଇଲା ଯେ, ଜଗତ ପରିବର୍ତ୍ତନହୀନ ବସ୍ତୁର ସମାହାର ନୁହେଁ। ବରଂ ବସ୍ତୁ ଜଗତ ପ୍ରତିନିୟତ ପରିବର୍ତ୍ତନ ଏବଂ ବିକାଶ ମଧ୍ୟରେ ଗତି କରୁଛି। ପ୍ରତି ମୁହୂର୍ତ୍ତରେ କିଛି ଜିନିଷର ସୃଷ୍ଟି ଏବଂ କିଛି ଜିନିଷର ଅବଲୁପ୍ତି ଘଟି ଚାଲିଛି। ଅତଏବ୍ ବିଜ୍ଞାନର କାମ ହେଉଛି ବସ୍ତୁକୁ ତା'ର ପରିବର୍ତ୍ତନ ଏବଂ ବିକାଶର ଧାରାରେ ବିଶ୍ଳେଷଣ କରିବା, ସେଗୁଡ଼ିକର ଅସ୍ତିତ୍ୱକୁ ଆସିବା ଏବଂ ଅବଲୁପ୍ତି ଘଟିବା ପ୍ରକ୍ରିୟା ସଂପର୍କରେ ଜ୍ଞାନ ଅର୍ଜନ କରିବା। ସେଥିପାଇଁ ଦ୍ୱାନ୍ଦ୍ୱିକ ବସ୍ତୁବାଦ କେବଳମାତ୍ର ବସ୍ତୁକୁ ଜାଣିବା ନୁହେଁ, ବରଂ ତା'ର ପରିବର୍ତ୍ତନ ଏବଂ ତା'ର ସୃଷ୍ଟି ଓ ବିଲୋପ ପ୍ରକ୍ରିୟାଗୁଡ଼ିକୁ ଜାଣିବା ଉପରେ ଅଧିକ ଗୁରୁତ୍ୱ ଆରୋପ କରେ। ଏହା କହେ ଯେ, ଜଗତକୁ ବସ୍ତୁର ଏକ ସମାହାର ରୂପେ ନଦେଖି ବରଂ ଏକ ପ୍ରକ୍ରିୟାର ସମାହାର ରୂପେ ଦେଖିବା ଉଚିତ, ଯାହା ମାଧ୍ୟମରେ ବସ୍ତୁଗୁଡ଼ିକ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତିତ ହେଉଛି ଏବଂ ସେମାନଙ୍କର ସୃଷ୍ଟି ଓ ଅବଲୁପ୍ତି ଘଟି ଚାଲିଛି।

ଦ୍ୱାନ୍ଦ୍ୱିକ ଦୃଷ୍ଟିଭଙ୍ଗୀ ଶିକ୍ଷା ଦିଏ, ପ୍ରତିଟି ବସ୍ତୁ ଅନ୍ୟ ବସ୍ତୁ ସହିତ ସଂଯୁକ୍ତ, ଗୋଟିଏ ଅନ୍ୟଟି ଉପରେ ନିର୍ଭରଶୀଳ ଏବଂ ଗୋଟିଏ ଅନ୍ୟଟି ଦ୍ୱାରା ନିର୍ଦ୍ଧାରିତ। ତେଣୁ ବିଜ୍ଞାନ କେବେ ବି ବସ୍ତୁକୁ ପାରିପାର୍ଶ୍ୱିକ ଜଗତରୁ ବିଚ୍ଛିନ୍ନ କରି ଦେଖିବା ଉଚିତ ନୁହେଁ, ବରଂ ସେମାନଙ୍କର ପାରସ୍ପରିକ ସଂପର୍କ ଏବଂ ଗୋଟିଏ ସହିତ ଅନ୍ୟଟିର କ୍ରିୟା ପ୍ରତିକ୍ରିୟାକୁ ଟିକିନିଖି ଭାବେ ପର୍ଯ୍ୟବେକ୍ଷଣ କରିବା ଉଚିତ। ଯେକୌଣସି ବସ୍ତୁକୁ ତା'ର ପାରିପାର୍ଶ୍ୱିକ ପରିବେଶରୁ ପୃଥକ କରି ତା'ର ଚରିତ୍ର ନିର୍ଦ୍ଧାରଣ କରିବା ଉଚିତ ନୁହେଁ। ବରଂ, ପରିବେଶର ପରିବର୍ତ୍ତନ ସହିତ ଗୋଟିଏ ବସ୍ତୁର ଚରିତ୍ର କିଭଳି ପରିବର୍ତ୍ତିତ ହୁଏ, ତା' ନିର୍ଦ୍ଧାରଣ କରିବାହିଁ ବିଜ୍ଞାନର କର୍ତ୍ତବ୍ୟ।

ନିଉଟନଙ୍କ ପରବର୍ତ୍ତି ଯୁଗରେ ଯାନ୍ତ୍ରିକ ବସ୍ତୁବାଦୀ ଦୃଷ୍ଟିଭଙ୍ଗୀ ସମାଜରେ ପ୍ରଚଳିତ ଥିଲା। ଏହି ଦୃଷ୍ଟିଭଙ୍ଗୀ ସମଗ୍ର ବିଶ୍ୱକୁ ଏକ ବିରାଟ ଯନ୍ତ୍ର ରୂପେ ଦେଖେ, ଯେଉଁ ଯନ୍ତ୍ରର ପ୍ରତ୍ୟେକଟି ଅଙ୍ଗ ତାର ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ କାମ କରିଚାଲିଛି। ଗୋଟିଏ ଯନ୍ତ୍ର ଏହାର ଜୀବଦ୍ଦଶାରେ ସମାନ ଭାବରେ ହିଁ କାମ କରିଚାଲେ। ତାର ଯାନ୍ତ୍ରିକ ପ୍ରକ୍ରିୟାକୁ ଅନବରତ ଚଳାଇ ଯାଏ। ଫଳରେ ଯାନ୍ତ୍ରିକ ବସ୍ତୁବାଦୀମାନେ ବସ୍ତୁର ପରିବର୍ତ୍ତନର ପ୍ରକ୍ରିୟା ମଧ୍ୟରେ ଏଭଳି କିଛି ସନ୍ଧାନ କରୁଥିଲେ ଯାହାର କୌଣସି ପରିବର୍ତ୍ତନ ଘଟେ ନାହିଁ, ଯାହା ଚିରସ୍ଥାୟୀ। ସେମାନେ ଧରି ନେଇଥିଲେ ଯେ ବସ୍ତୁ ଜଗତ ବାସ୍ତବରେ ଅପରିବର୍ତ୍ତନୀୟ ଏବଂ ଯେଉଁସବୁ ପରିବର୍ତ୍ତନ ଆମେ ଦେଖୁ ତାହା ସେହି ସମାନ ପ୍ରକ୍ରିୟାର ପୁନରାବୃତ୍ତି ମାତ୍ର, ଯାହା ଯାନ୍ତ୍ରିକ ନିୟମାବଳୀ ଦ୍ୱାରା ପରିଚାଳିତ। ଯାନ୍ତ୍ରିକ ବସ୍ତୁବାଦ ବସ୍ତୁ ଜଗତର ପରିବର୍ତ୍ତନକୁ ସେହି ସମାନ ପ୍ରକ୍ରିୟାର କ୍ରମାଗତ ପୁନାରାବୃତ୍ତି ହିସାବରେ ଦେଖୁଥିଲା। ଏଙ୍ଗେଲ୍ସ ତାଙ୍କର 'ଡାଇଲେକଟିକ୍ସ ଅଫ୍ ନେଚର' ଗ୍ରନ୍ଥଟିର ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି, "ଏହି ଯୁଗର ସବୁଠାରୁ ପ୍ରଧାନ ବୈଶିଷ୍ଟ୍ୟ ହେଉଛି ଯେ, ପ୍ରକୃତିକୁ ଏକ ଅପରିବର୍ତ୍ତନୀୟ ଶାଶ୍ୱତ କିଛି ବିଷୟ ବୋଲି ଧରି ନେଇ ବିଚାର କରିବାର ପ୍ରବଣତା।"

ଯାନ୍ତ୍ରିକ ବସ୍ତୁବାଦୀ ଦୃଷ୍ଟିଭଙ୍ଗୀ ଅନୁଯାୟୀ ବିଶ୍ୱ ଜଗତ କଠିନ ଓ ଅଭଙ୍ଗୁର ବସ୍ତୁକଣାରେ ତିଆରି। ଯାନ୍ତ୍ରିକ ବସ୍ତୁବାଦୀମାନେ ବିଶ୍ୱାସ କରୁଥିଲେ ଯେ ପ୍ରକୃତିର ସବୁ ଘଟଣାର ବ୍ୟାଖ୍ୟା ଏହି ବସ୍ତୁକଣା ଗୁଡ଼ିକ ଉପରେ ବାହ୍ୟ ପ୍ରଯୁକ୍ତ ବଳର ପ୍ରଭାବ ଏବଂ ଏହି ବସ୍ତୁକଣା ଗୁଡ଼ିକର ନିଜ ମଧ୍ୟରେ କ୍ରିୟା ପ୍ରତିକ୍ରିୟା ମଧ୍ୟ ଦେଇ ନିର୍ଦ୍ଧାରଣ କରିବା ସମ୍ଭବ। ଯାନ୍ତ୍ରିକ ବସ୍ତୁବାଦର ମୂଳ ସମସ୍ୟା ହେଲା ଏହା ବସ୍ତୁକୁ ଜଡ ପଦାର୍ଥ ରୂପେ ଦେଖେ ଯାହାର କୌଣସି ଗତି ନାହିଁ ଏବଂ ତାର ସମସ୍ତ ଗତି ବାହାରୁ ପ୍ରୟୋଗ ହେଉଥିବା ବଳର ପ୍ରଭାବର ଫଳ। ଉନବିଂଶ ଶତାବ୍ଦୀରେ ବିଜ୍ଞାନର ଆବିଷ୍କାର ସୁସ୍ପଷ୍ଟ ଭାବେ ଦର୍ଶାଏ ଯେ ସବୁ ଧରଣର ଶକ୍ତି ବାସ୍ତବରେ ଗତିଶୀଳ ବସ୍ତୁ(ମ୍ୟାଟର ଇନ୍ ମୋସନ୍) ବ୍ୟତୀତ ଅନ୍ୟ କିଛି ନୁହେଁ। ଯେତେବେଳେ ଏକ ଧରଣର ଶକ୍ତି ଅନ୍ୟ ଏକ ଶକ୍ତିରେ ରୂପାନ୍ତରିତ ହୁଏ, ବାସ୍ତବରେ ସେତେବେଳେ ଗତିର ହିଁ ରୂପାନ୍ତର ଘଟେ। ଗତି ସର୍ବବ୍ୟାପୀ ଓ ଚିରସ୍ଥାୟୀ, କିଛି ହିଁ ସଂପୂର୍ଣ୍ଣ ସ୍ଥିର ନୁହେଁ। ଏହିସବୁ ଆବିଷ୍କାରର ଭିତ୍ତିରେ ହିଁ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ପ୍ରତିଷ୍ଠା କରିଛି ଯେ ଗତିହୀନ ବସ୍ତୁର ଅସ୍ତିତ୍ୱ ସମ୍ଭବ ନୁହେଁ ଏବଂ ବସ୍ତୁ ବ୍ୟତୀତ ଗତିର ମଧ୍ୟ ଅର୍ଥ ନାହିଁ। **"ବିଶ୍ୱରେ ଗତିଶୀଳ ବସ୍ତୁ ବ୍ୟତୀତ ଆଉ କିଛି ହିଁ ନାହିଁ" – ଲେନିନ କହନ୍ତି, ଏବଂ "ଏହି ଗତିଶୀଳ ବସ୍ତୁ ସ୍ଥାନ ଓ କାଳର ଊର୍ଦ୍ଧ୍ୱରେ ଅବସ୍ଥାନ କରିପାରିବ ନାହିଁ।"** ଅତଏବ, ବସ୍ତୁର ଚରିତ୍ର ସଂପର୍କରେ ସଠିକ ଧାରଣା ହେଉଛି, ଗତି ହେଉଛି ବସ୍ତୁର ଅସ୍ତିତ୍ୱର ଢଙ୍ଗ(Mode of Existance)।

ଏହା ମଧ୍ୟ ବୁଝାଗଲା ଯେ, କୌଣସି ଗୋଟିଏ ବସ୍ତୁର ଭିନ୍ନ ଭିନ୍ନ ଅଂଶର ପରସ୍ପର ଉପରେ ଯାନ୍ତ୍ରିକ ବଳର ଆଦାନପ୍ରଦାନ ଦ୍ୱାରା ବସ୍ତୁର ସମସ୍ତ ପରିବର୍ତ୍ତନ ବ୍ୟାଖ୍ୟା କରିବା ସମ୍ଭବ ନୁହେଁ। ଯଦି ଏଭଳି ହୁଅନ୍ତା ତା'ହେଲେ ଗୋଟିଏ ବସ୍ତୁର ସାମଗ୍ରିକ ଧର୍ମ ତାର ଅଲଗା ଅଲଗା ଅଂଶର ଧର୍ମର ସମାହାର ମାତ୍ର ହୁଅନ୍ତା। ମାତ୍ର ବେଶ କିଛି ବୈଜ୍ଞାନିକ ଆବିଷ୍କାର(ଯେଭଳି କୋଷତତ୍ତ୍ୱ) ପ୍ରମାଣ କରି ଦେଇଛି ଯେ ଏହି ଧାରଣା ସତ୍ୟ ନୁହେଁ। ଦ୍ୱାନ୍ଦ୍ୱିକ ବସ୍ତୁବାଦ ଦର୍ଶାଇଲା ଯେ ବିଭିନ୍ନ ଅଂଶର ପାରସ୍ପରିକ ଆଦାନପ୍ରଦାନ ଏକ ବିଶେଷ ସ୍ତର ଅତିକ୍ରମ କଲେ ସେହି ବସ୍ତୁ ମଧ୍ୟରେ ନୂତନ ବୈଶିଷ୍ଟ୍ୟ ଦେଖା ଦେଇପାରେ। ଗୋଟିଏ ବସ୍ତୁକୁ କ୍ଷୁଦ୍ର କ୍ଷୁଦ୍ର ଅଂଶରେ ଭାଙ୍ଗି ବିଚ୍ଛିନ୍ନ ଭାବେ ପର୍ଯ୍ୟବେକ୍ଷଣ କରିବା ଦ୍ୱାରା ତାର ସାମଗ୍ରିକ ଗୁଣ ସଂପର୍କରେ କେବେ ହେଲେ ତାର ସତ୍ୟ ଧାରଣା କରାଯାଇ ପାରିବ ନାହିଁ। ଏହିଭଳି ଭାବରେ ଦ୍ୱାନ୍ଦ୍ୱିକ ବସ୍ତୁବାଦ ବାସ୍ତବରେ ବିଜ୍ଞାନକୁ ରିଡକସନିଜମ (Reductionism)ର ପ୍ରଭାବରୁ ମୁକ୍ତ କରିଛି।

## ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ତିନୋଟି ପ୍ରଧାନ ନୀତି ଏବଂ ବିଜ୍ଞାନ କ୍ଷେତ୍ରରେ ସେଗୁଡ଼ିକର ପ୍ରୟୋଗ

ବସ୍ତୁର ପରିବର୍ତ୍ତନ ଏବଂ ବିକାଶର ପ୍ରକ୍ରିୟା କ୍ରମଶଃ ବିଜ୍ଞାନର ପ୍ରଧାନ ଗବେଷଣାର ବିଷୟରେ ପରିଣତ ହୋଇଛି। ଏହି ପରିସ୍ଥିତିରେ ମାର୍କ୍ସ ଓ ଏଙ୍ଗେଲ୍ସ ଦେଖାଇଲେ, ଏହି ଗବେଷଣା ପରିଚାଳନାର ମୂଳ ନୀତି କ'ଣ ହେବା ଉଚିତ। ଯେକୌଣସି ବସ୍ତୁର ବିକାଶର ପ୍ରକ୍ରିୟା ଅନୁସନ୍ଧାନ କରିବାକୁ ଗଲେ ଯେକେହି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ସମ୍ମୁଖୀନ ହେବେ –

ବସ୍ତୁ ମଧ୍ୟରେ ପରିବର୍ତ୍ତନ କାହିଁକି ଘଟେ ? ଦ୍ୱାନ୍ଦ୍ୱିକ ବସ୍ତୁବାଦ ଦର୍ଶାଇଲା, ଯେକୌଣସି ବସ୍ତୁ ମଧ୍ୟରେ ଏକାଧିକ ପରସ୍ପର ବିରୋଧୀ ଶକ୍ତିର ଦ୍ୱନ୍ଦ୍ୱ ଚାଲୁ ଥାଏ ଏବଂ ଏଗୁଡ଼ିକ ମଧ୍ୟରେ ଏହି କ୍ରମାଗତ ଚାଲୁଥିବା ଏହି ଦ୍ୱନ୍ଦ୍ୱ ଓ ଐକ୍ୟହିଁ ବସ୍ତୁର ପରିବର୍ତ୍ତନର ମୂଳ କାରଣ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ରୁମାନିଆଠାରେ . . .

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ବସ୍ତୁ ମଧ୍ୟରେ ପରିବର୍ତ୍ତନ କିଭଳି ଭାବରେ ଘଟେ? ଦ୍ୱାନ୍ଦ୍ୱିକ ବସ୍ତୁବାଦ ଦର୍ଶାଇଲା ଯେ, ଏହି ପରିବର୍ତ୍ତନ ଦୁଇ ଧରଣର ଘଟେ- ପରିମାଣଗତ ଓ ଗୁଣଗତ। ପରିମାଣଗତ ପରିବର୍ତ୍ତନର ପ୍ରକ୍ରିୟା ଏକ ବିଶେଷ ପର୍ଯ୍ୟାୟ ଅତିକ୍ରମ କରିବା ପରେ ବସ୍ତୁ ମଧ୍ୟରେ ଗୁଣଗତ ପରିବର୍ତ୍ତନ ଦେଖା ଦିଏ। ଏହି ଗୁଣଗତ ପରିବର୍ତ୍ତନ ଫଳରେ କ'ଣ ଘଟେ? ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ଦର୍ଶାଇଲା ଯେ ଗୁଣଗତ ପରିବର୍ତ୍ତନ ଫଳରେ ବସ୍ତୁର ପୂର୍ବ ସତ୍ତା ବିଲୁପ୍ତ ହୁଏ ଏବଂ ନୂତନ ସତ୍ତାର ସୃଷ୍ଟି ହୁଏ।

### ଆଧୁନିକ ବିଜ୍ଞାନ ଅବିକଳ ଏହି ପଦ୍ଧତି ମାନି ହିଁ କାମ କରେ

ଯଦିଓ ଦ୍ୱାନ୍ଦ୍ୱିକ ବସ୍ତୁବାଦର ତିନୋଟି ସୂତ୍ର ସଂପୂର୍ଣ୍ଣ ରୂପେ ଆଧୁନିକ ବିଜ୍ଞାନର ଭିତ୍ତି ଉପରେ ପ୍ରତିଷ୍ଠିତ, ତଥାପି ଯେହେତୁ ବିଜ୍ଞାନର ଅଧିକାଂଶ ବହିରେ ଏହାର ଉଲ୍ଲେଖ ନଥାଏ, ତେଣୁ ଅଧିକାଂଶ ବୈଜ୍ଞାନିକ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ନୀତିର ପ୍ରଭାବ ସମ୍ପର୍କରେ ଅସଚେତନ ରହିଯାନ୍ତି । ଯେଭଳି, ବିଜ୍ଞାନ ବହିରେ ଦ୍ୱନ୍ଦ୍ୱ ବା କନ୍‌ଟ୍ରାଡିକ୍‌ସନ୍ ଶବ୍ଦଟି ସାଧାରଣତଃ ବ୍ୟବହାର କରାଯାଏ ନାହିଁ। ଅଥଚ ଜଣେ ବୈଜ୍ଞାନିକ ଯେତେବେଳେ କୌଣସି ଏକ ବସ୍ତୁ ମଧ୍ୟରେ ବଳର ଭାରସାମ୍ୟ ସମ୍ପର୍କରେ କୌଣସି ସମୀକରଣ ଲେଖିବାକୁ ଯିବେ ସେତେବେଳେ ତାଙ୍କୁ 'ୟୁନିଟି ଅଫ୍ ଅପୋଜିଟ୍‌ସ' ନୀତିର ପ୍ରୟୋଗ କରିବାକୁ ପଡିବ। ସେ ସଂପୂର୍ଣ୍ଣ ଅଜାଣତରେହିଁ ତାଙ୍କ ଗବେଷଣାରେ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ପ୍ରୟୋଗ କରିବେ। ଆମ ଦାୟିତ୍ୱ ହେଉଛି ସବୁ ବୈଜ୍ଞାନିକମାନଙ୍କୁ ଏହି ବିଷୟରେ ଅବଗତ କରାଇବା, ଯାହାଫଳରେ ବୈଜ୍ଞାନିକ ଗବେଷଣାରେ ସଚେତନ ଭାବରେ ଦ୍ୱାନ୍ଦ୍ୱିକ ଦୃଷ୍ଟିଭଙ୍ଗୀର ପ୍ରୟୋଗ କରାଯାଇ ପାରିବ।

ଗୋଟିଏ ସିଷ୍ଟମରେ ଅଂଶଗ୍ରହଣକାରୀ ବସ୍ତୁଗୁଡିକର ଅବସ୍ଥାନ ଏବଂ ଗତିବେଗର ଭିତ୍ତିରେ ନ୍ୟୁଟନୀୟ ମେକାନିକ୍ସ କେତୋଟି ବସ୍ତୁଦ୍ୱାରା ଗଠିତ ଗୋଟିଏ ସିଷ୍ଟମର ପରିବର୍ତ୍ତନର ନିୟମକାନୁନ ଜାଣିବାପାଇଁ ଚେଷ୍ଟା କରେ। ପୃଥିବୀର ଚତୁଃର୍ପାର୍ଶ୍ୱରେ ଚନ୍ଦ୍ରର ଗତିପଥ ଜାଣିବାକୁ ଗଲେ ପ୍ରଥମେ ଚନ୍ଦ୍ର ଓ ପୃଥିବୀର ପ୍ରାଥମିକ ଅବସ୍ଥାନ ଓ ଗତି ଜାଣିବାକୁ ହେବ, ଆଉ ତା'ପରେ ସମୀକରଣ ଲେଖା ହେବ ଏହି ଦୁଇ ବସ୍ତୁ ମଧ୍ୟରେ ମାଧ୍ୟାକର୍ଷଣ ବଳ ଓ ଅପକେନ୍ଦ୍ରୀକ ବଳର ଭିତ୍ତିରେ ଯେଉଁ ଦୁଇଟି ପରସ୍ପର ବିରୁଦ୍ଧରେ କ୍ରିୟାଶୀଳ। ଅର୍ଥାତ୍ ଏହି ଦୁଇ ବଳ ମଧ୍ୟରେ ଆମେ ଏହି ସିଷ୍ଟମର ଅନ୍ତର୍ନିହିତ ଦ୍ୱନ୍ଦ୍ୱ ଦେଖିପାରୁ। ଯେକୌଣସି ବସ୍ତୁର ପରିବର୍ତ୍ତନର ଗତି ପ୍ରକୃତି ନିର୍ଣ୍ଣୟ କରିବା ପାଇଁ ଯେଉଁ ସମୀକରଣ ବ୍ୟବହାର କରାଯାଏ, ତାହା ବାସ୍ତବରେ ତା' ମଧ୍ୟରେ ଥିବା ପରସ୍ପର ବିରୋଧୀ ବଳ ଗୁଡିକ ଭିତ୍ତିରେ ହିଁ ଲେଖା ହୁଏ। ଅତଏବ, ଏହି ସବୁ ସମୀକରଣ ୟୁନିଟି ଅଫ୍ ଅପୋଜିଟସ୍‌ର ନୀତି ମାନି ହିଁ କାମକରେ। ସେଥିପାଇଁ ବିପରୀତ ବଳ ବା ପ୍ରବଣତା ମଧ୍ୟରେ ଦ୍ୱନ୍ଦ୍ୱ-ସଂଗ୍ରାମହିଁ ହେଉଛି ଯେକୌଣସି ବସ୍ତୁର ପରିବର୍ତ୍ତନ ଓ ବିକାଶର କାରଣ।

ଦ୍ୱାନ୍ଦ୍ୱିକ ବସ୍ତୁବାଦ ଆମକୁ ଆହୁରି ଦର୍ଶାଏ ଯେ ବସ୍ତୁର ଆଭ୍ୟନ୍ତରୀଣ ଅର୍ନ୍ତ ଦ୍ୱନ୍ଦ୍ୱ ହିଁ ଏକ ବସ୍ତୁର ପରିବର୍ତ୍ତନର ପ୍ରଧାନ କାରଣ। ବର୍ହି ଦ୍ୱନ୍ଦ୍ୱ, ଅର୍ଥାତ୍ ବାହ୍ୟ ବସ୍ତୁର ପ୍ରଭାବ ଯଦିଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ କେତେକ କ୍ଷେତ୍ରରେ ପରିବର୍ତ୍ତନର ଦିଗନିର୍ଣ୍ଣୟ କ୍ଷେତ୍ରରେ ଚୂଡାନ୍ତ ଭୂମିକା ଗ୍ରହଣ କରେ, ତା' କ୍ରିୟା କରେ ଏହି ଅନ୍ତଦ୍ୱନ୍ଦ୍ୱ ମାଧ୍ୟମରେ। ନକ୍ଷତ୍ରର ବିବର୍ତ୍ତନର ପ୍ରକ୍ରିୟା ଯଦି ଆମେ ଦେଖୁ, ତା'ହେଲେ ତାର ପ୍ରମାଣ ମିଳିବ। ବୈଜ୍ଞାନିକମାନେ ଯେତେବେଳେ ସୂର୍ଯ୍ୟଭଳି କୌଣସି ନକ୍ଷତ୍ରର ବିବର୍ତ୍ତନର ପ୍ରକ୍ରିୟା ବୁଝିବାକୁ ଚେଷ୍ଟା କରନ୍ତି, ସେମାନେ ମୂଳତଃ ସେହି ନକ୍ଷତ୍ରର ଅର୍ନ୍ତଦ୍ୱନ୍ଦ୍ୱକୁ ହିଁ ଜାଣିବାକୁ ଚେଷ୍ଟା କରନ୍ତି। ନକ୍ଷତ୍ରର ମାଧ୍ୟାକର୍ଷଣ ତା'ର ଶରୀରକୁ କେନ୍ଦ୍ର ଦିଗକୁ ସଂକୁଚିତ କରିବାପାଇଁ ଚେଷ୍ଟାକରେ। ପୁଣି ନକ୍ଷତ୍ରର ଅଭ୍ୟନ୍ତରରେ ଯେଉଁ ତାପିୟ-ନିୟୁକ୍ଲିୟ ବିକ୍ରିୟା(Fusion) ଅନବରନ ଚାଲିଥାଏ, ତା' ଫଳରେ ନକ୍ଷେତ୍ରର କେନ୍ଦ୍ର ଭାଗରେ ବିପୁଳ ପରିମାଣର ତାପ ଉତ୍ପନ୍ନ ହୁଏ। ଫଳରେ ବସ୍ତୁର ଅନ୍ତର୍ଭାଗର ଉଚ୍ଚଚାପ ସୃଷ୍ଟି ହୁଏ, ଯାହା ନକ୍ଷତ୍ରର ବସ୍ତୁକୁ ବାହାର ଆଡକୁ ଠେଲେ। ଅର୍ଥାତ୍ ନକ୍ଷତ୍ରର ଅଭ୍ୟନ୍ତରରେ ଦୁଇଟି ବିପରୀତମୁଖୀ ବଳ କ୍ରିୟା କରେ ଏବଂ ଏହି ଦୁଇ ବିପରୀତ ବଳର ଭାରସାମ୍ୟ ଉପରେ ନକ୍ଷତ୍ରଟିର ସ୍ଥାୟିତ୍ୱ ନିର୍ଭର କରେ। ଠିକ୍ ଏହି ଅର୍ନ୍ତଦ୍ୱନ୍ଦ୍ୱକୁ ନେଇ ହିଁ ବୈଜ୍ଞାନିକମାନେ ଗବେଷଣା କରନ୍ତି, ଯାହା ପ୍ରକୃତରେ ୟୁନିଟି ଅଫ ଅପୋଜିଟସ୍ ବ୍ୟତୀତ ଅନ୍ୟକିଛି ନୁହେଁ। ପରିମାଣଗତ ପରିବର୍ତନରୁ ଗୁଣଗତ ପରିବର୍ତ୍ତନ – ଏହି ନୀତି ସୃଷ୍ଟି ହୋଇଥିଲା ଜୀବ ବିଜ୍ଞାନ ଓ ସମାଜ ବିଜ୍ଞାନର ବିଭିନ୍ନ ଆବିଷ୍କାରରୁ ଶିକ୍ଷା ଗ୍ରହଣ କରି ଏବଂ ଯେକୌଣସି ବସ୍ତୁର ଭୌତ ଅବସ୍ଥାର ପରିବର୍ତ୍ତନର ପ୍ରକ୍ରିୟାକୁ ଅନୁଧାବନ କରିବା ମାଧ୍ୟମରେ (ଯେଭଳି ବରଫ ତରଳି ପାଣି ହେବା)। ନିଉଟନୀୟ ମେକାନିକ୍ସ ମଧ୍ୟରେ ସିଧାସଳଖ ପରିମାଣଗତ ଓ ଗୁଣଗତ ପରିବର୍ତ୍ତନର କଥା କୁହାଯାଏ ନାହିଁ । ଏକ ସିଷ୍ଟମର ଅବସ୍ଥା ଏବଂ ତାର ଗତିଶୀଳତା କ୍ଷେତ୍ରରେ ଯେଉଁ ମୌଳିକ ଗୁଣଗତ ପରିବର୍ତ୍ତନ ଘଟେ ତାହା ଅତି ସାମ୍ପ୍ରତିକ କାଳରେ ସ୍ୱୀକୃତି ଲାଭ କରିଛି। ପଦାର୍ଥ ବିଦ୍ୟା କ୍ଷେତ୍ରରେ ଏହି ସବୁ ଗୁଣଗତ ପରିବର୍ତ୍ତନ "ଫେଜ ଟ୍ରାନଜିସନ ଆଣ୍ଡ କ୍ରିଟିକଲ୍ ଫେନୋମେନାନ୍" ନାମରେ ଆଲୋଚିତ ହୁଏ। ଏହିଭଳି ଗୁଣଗତ ପରିବର୍ତ୍ତନର କେତେକ ଉଦାହରଣ ହେଉଛି ଧାତୁର ଚୁମ୍ବକୀକରଣ(Magnetisation) ଅତିପରିବାହିତା(Superconductivity) ଅତିପ୍ରବାହିତା(Superfludity) ବୋସ-ଆଇନଷ୍ଟାଇନ କନ୍‌ଡେନ୍‌ସ୍‌ଡ୍ ଇତ୍ୟାଦି। ଗୋଟିଏ ବସ୍ତୁର ଗତି ଧାରାରେ ଗୁଣଗତ ପରିବର୍ତ୍ତନକୁ Bifurcation କୁହାଯାଏ (ଯେଭଳି ପୁନରାବୃତ୍ତ ଗତିରୁ ଅନିୟମିତ ଗତି) । ଏହି ସବୁ କ୍ଷେତ୍ରରେ ଦ୍ୱାନ୍ଦ୍ୱିକ ପ୍ରକ୍ରିୟାର ସର୍ବବ୍ୟାପୀ ପ୍ରାସଙ୍ଗିକତା ବାରମ୍ବାର ପ୍ରମାଣିତ।

ଦ୍ୱନ୍ଦ୍ୱ ତତ୍ତ୍ୱରେ ଯେଉଁ 'ଭାଇସ-ଭର୍‌ସା' ବା ଗୁଣଗତ ପରିବର୍ତ୍ତନରୁ ପରିମାଣଗତ ପରିବର୍ତ୍ତନ କଥା କୁହାଯାଏ, ତା' ଦ୍ୱାରା ସମୟର ସଙ୍ଗେ ସଙ୍ଗେ ଯେଉଁ ଧାରାବାହିକ ପ୍ରକ୍ରିୟା, ତାକୁହିଁ ସାଧାରଣତଃ ବୁଝାଯାଇଥାଏ। ଏହି ଦୃଷ୍ଟିଭଙ୍ଗୀ ଦର୍ଶାଏ, ଗୋଟିଏ ବସ୍ତୁ ମଧ୍ୟରେ ଯେତେବେଳେ ପରିମାଣଗତ ପରିବର୍ତ୍ତନ ଏକ ବିଶେଷ ପର୍ଯ୍ୟାୟ ଅତିକ୍ରମ କରେ, ସେତେବେଳେ ସେହି ବସ୍ତୁ ମଧ୍ୟରେ ଗୁଣଗତ ପରିବର୍ତ୍ତନ ଦେଖାଯାଏ। ଏହି ପରିବର୍ତ୍ତନ ଦ୍ୱାରା ବସ୍ତୁର ପୂର୍ବର ଅସ୍ତିତ୍ୱର ଅବଲୁପ୍ତି ଘଟେ ଏବଂ ଏକ ନୂତନ ଅସ୍ତିତ୍ୱ ଆରମ୍ଭ ହୁଏ। କିନ୍ତୁ ପରିବର୍ତ୍ତନ ଓ ବିକାଶର ଯେଉଁ କ୍ରମାଗତ ଧାରା ତାହା ଅବ୍ୟାହତ ରହେ। ଏହି ନୂତନ ଅସ୍ତିତ୍ୱ ମଧ୍ୟରେ ପୁଣି ପରିମାଣଗତ ପରିବର୍ତ୍ତନ ଆରମ୍ଭ ହୁଏ, ଯାହା ଆଉ ଏକ ସମୟରେ ପୁଣି ଗୁଣଗତ ପରିବର୍ତ୍ତନକୁ ଜନ୍ମ ଦିଏ। ଏହି ପ୍ରକ୍ରିୟା ଅନବରତ ଚାଲିଥାଏ। ଏଙ୍ଗେଲ୍ସ ତାଙ୍କର 'ଡାଇଲେକଟିକ୍ସ ଅଫ୍ ନେଚର' ବହିରେ ଏହି 'ଭାଇସ- ଭର୍‌ସା'ର ଉଦାହରଣରେ ଦର୍ଶାଇଛନ୍ତି, ଯେଭଳି ତାପଜ ଶକ୍ତି ଯାନ୍ତ୍ରିକ ଗତିରେ ପରିବର୍ତ୍ତିତ ହୁଏ ଏବଂ ପୁଣି ଯାନ୍ତ୍ରିକ ଗତିରୁ ତାପଜ ଶକ୍ତିର ଉଦ୍ଭବ ଘଟେ।

ଭାରତବର୍ଷର ଜଣେ ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ ଶିବଦାସ ଘୋଷ ଏହି ଧାରଣାକୁ ଆହୁରି ଉନ୍ନତ କରିଛନ୍ତି ଏବଂ ଦର୍ଶାଇଛନ୍ତି ଯେ, 'ପରିମାଣଗତ ପରିବର୍ତ୍ତନରୁ ଗୁଣଗତ ପରିବର୍ତ୍ତନ' ଏବଂ 'ଭାଇସ ଭର୍‌ସା' ଦୁଇଟିଯାକ ହିଁ ପରସ୍ପର ସହିତ ସାମଞ୍ଜସ୍ୟ ରକ୍ଷା କରି ଏକା ସାଙ୍ଗରେ ହିଁ ଘଟେ ଏବଂ ଗୋଟିଏ ବସ୍ତୁ ମଧ୍ୟରେ କ୍ରମାଗତ ପରିବର୍ତ୍ତନ ଘଟାଏ। ସେ ଦର୍ଶାଇଛନ୍ତି ଯେ, ପ୍ରତ୍ୟେକ ପରିମାଣଗତ ପରିବର୍ତ୍ତନ ମଧ୍ୟରେ ଅଜସ୍ର ଗୁଣଗତ ପରିବର୍ତ୍ତନ ଘଟୁଥାଏ। ପ୍ରତ୍ୟେକ ବସ୍ତୁ କିଛି 'ମୌଳିକ ଉପାଦାନ' ଦ୍ୱାରା ଗଠିତ। ଗୋଟିଏ ଗ୍ଲାସ ଜଳର ଉପାଦାନ ଯେପରି ଅଜସ୍ର ଜଳକଣା, ଠିକ୍ ସେହିଭଳି ଭାବରେ ହିଁ ଗୋଟିଏ ବିଶେଷ ପ୍ରାଣୀ ବା ଉଦ୍ଭିଦ ପ୍ରଜାତିର ଉପାଦାନ ହେଉଛି ସେହି ପ୍ରଜାତିର ଗୋଟିଏ ଗୋଟିଏ ଜୀବ ଏବଂ ଏକ ସମାଜର ଉପାଦାନ ହେଉଛି ଜଣେ ଜଣେ ବ୍ୟକ୍ତି-ମଣିଷ। ଯେତେବେଳେ ଗୋଟିଏ ସମଷ୍ଟିର କିଛି ପରିମାଣଗତ ପରିବର୍ତ୍ତନ ଘଟେ, ସେତେବେଳେ ତାର ଏହି ମୌଳିକ ଉପାଦାନ ଗୁଡିକ ମଧ୍ୟରେ ଗୁଣଗତ ପରିବର୍ତ୍ତନ ମଧ୍ୟ ଘଟିଯାଏ। ଯେତେବେଳେ ଗ୍ଲାସେ ପାଣିର ତାପମାତ୍ରା ବଢେ(ପରିମାଣଗତ ପରିବର୍ତ୍ତନ), କେତେକ ଜଳ କଣା ବାଷ୍ପରେ ପରିଣତ ହୁଏ(ଗୁଣଗତ ପରିବର୍ତ୍ତନ)। ଯେତେବେଳେ ଗୋଟିଏ ପୁଞ୍ଜିବାଦୀ ସମାଜରେ ପରିମାଣଗତ ପରିବର୍ତ୍ତନ ଘଟେ, ସେହି ସମାଜର ଲୋକମାନେ ଗୁଣଗତ ପରିବର୍ତ୍ତନ ଦ୍ୱାରା ବିପ୍ଳବୀ ହୁଅନ୍ତି ଏବଂ ଏହି ପ୍ରକ୍ରିୟାରେ ଗୋଟିଏ ସମୟରେ ସମଗ୍ର ସମାଜ ବ୍ୟବସ୍ଥାର ଗୁଣଗତ ପରିବର୍ତ୍ତନ ଘଟେ। ଅତଏବ୍, ପରିମାଣଗତ ପରିବର୍ତ୍ତନ ଓ ଗୁଣଗତ ପରିବର୍ତ୍ତନ ଏକେ ଅପରର ଅବିଚ୍ଛେଦ୍ୟ ଅଂଶ ଏବଂ ଦୁଇଟିଯାକ ପ୍ରକ୍ରିୟାହିଁ କ୍ରମାଗତ ଏକତ୍ର ଘଟି ଚାଲିଛି।

ବିଜ୍ଞାନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପ୍ରୋବାବିଲିଟି(ସମ୍ଭାବନା) ଏବଂ ଡିଟରମିନିଜମ୍(ନିର୍ଦ୍ଧାରଣବାଦ)। ଅନେକ ମନେକରନ୍ତି ଏଗୁଡିକ ପରସ୍ପର ବିରୋଧୀ, ଯଦି କୌଣସି କିଛି ନିର୍ଦ୍ଧାରଣବାଦ ମାନି ଚାଲେ, ତାହେଲେ ସେଥିରେ ସମ୍ଭାବ୍ୟବାଦର କୌଣସି ଭୂମିକା ନାହିଁ ଏବଂ କୌଣସି କିଛି ଯଦି ସମ୍ଭାବ୍ୟବାଦର ନିୟମ ମାନିଚାଲେ, ତା' ହେଲେ ତା ନିର୍ଦ୍ଧାରଣବାଦର ନିୟମ ଲଂଘନ କରେ। ଏହି ବିଶ୍ୱାସରୁ ନାନା ବିପତ୍ତି ସୃଷ୍ଟି ହୁଏ, ବିଶେଷତଃ, ବିଜ୍ଞାନର କେତେକ ସାଂପ୍ରତିକ କାଳର ଆବିଷ୍କାର ସଂକ୍ରାନ୍ତ ବିଷୟରେ କୁହୁଡିଆ ଭାବ ସୃଷ୍ଟି ହୁଏ, ଯେଭଳି କ୍ୱାଂଟମ୍ ମେକାନିକ୍ସ।

କ୍ୱାଂଟମ୍ ଜଗତରେ, ବସ୍ତୁକଣାର ଗତିବିଧି ସମ୍ଭାବ୍ୟତା ଦ୍ୱାରା ନିର୍ଦ୍ଧାରିତ ହୁଏ। ହାଇଜେନବର୍ଗଙ୍କ ଅନସର୍ଟେଂଟି ପ୍ରିନସିପୁଲସ୍(ଅନିଶ୍ଚୟତା ତତ୍ତ୍ୱ) କୁହେ ଯେ, ଏକ କ୍ଷୁଦ୍ର ବସ୍ତୁକଣାର ଅବସ୍ଥାନ ଓ ବେଗ (ଗତିବେଗ) ଏକା ସାଙ୍ଗରେ ସଂପୂର୍ଣ୍ଣ ନିର୍ଭୁଲଭାବେ ନିର୍ଦ୍ଧାରଣ କରି ହୁଏ ନାହିଁ। ଗୋଟିଏ ବସ୍ତୁକଣାର ଅବସ୍ଥାନ ଯେତେ ସୁସ୍ପଷ୍ଟ ଭାବେ ନିର୍ଦ୍ଧାରିତ ହୁଏ, ତାର ଗତିବେଗ ସେତେ ଅନିଶ୍ଚିତ ହୋଇଯାଏ ଏବଂ ଗତିବେଗ ସୁସ୍ପଷ୍ଟ ଭାବେ ନିର୍ଦ୍ଧାରଣ କଲେ ତାର ଅବସ୍ଥାନ ଅନିଶ୍ଚିତ ହୋଇଯାଏ। ଏହା ଏକ ପ୍ରାକୃତିକ ନିୟମ- ଯଦି ଗୋଟିଏ ବସ୍ତୁକଣାର ଏକ ନିର୍ଦ୍ଦିଷ୍ଟ ଗତିବେଗ ରୁହେ, ତା'ହେଲେ ତା'ର ଅବସ୍ଥାନ କେବେବି ଗୋଟିଏ ସ୍ଥାନରେ ନିର୍ଦ୍ଦିଷ୍ଟ ରହିବ ନାହିଁ। ତା'ର ଅବସ୍ଥାନ ଯେକୌଣସି ସ୍ଥାନରେ ହୋଇପାରେ(ଅବଶ୍ୟ ହିଁ ଏକ ସୀମା ମଧ୍ୟରେ) ଏବଂ ବିଭିନ୍ନ ସ୍ଥାନରେ ଅବସ୍ଥାନ କରିବାର ଯେଉଁ ସମ୍ଭାବ୍ୟତା ତାହା ଗାଣିତିକ ଭାବେ ନିର୍ଦ୍ଧାରଣ କରିବା ସମ୍ଭବ।

ଏହି ଅନିଶ୍ଚୟତାରୁ କେତେକ ବୈଜ୍ଞାନିକ ଓ ଦାର୍ଶନିକମାନଙ୍କ ମନରେ ଏହି ଧାରଣା ସୃଷ୍ଟି ହୋଇଥିଲା ଯେ କ୍ୱାଂଟମ ଜଗତରେ କାର୍ଯ୍ୟ କାରଣ ସଂପର୍କ ଏବଂ ନିର୍ଦ୍ଧାରଣବାଦ କାମ କରେ ନାହିଁ। ମାତ୍ର ଏଠାରେ ମନେରଖିବା ଦରକାର ଯେ, ବସ୍ତୁକଣାର ଅବସ୍ଥାନ ବା ଗତିବେଗ ବିଶୃଙ୍ଖଳ ବା ନିୟମବିହୀନ ନୁହେଁ। ଏହି ଗତିବେଗ ସଂପୂର୍ଣ୍ଣ ଭାବେ ନିୟମ ଶାସିତ, ଯେଉଁ ନିୟମ ସମ୍ଭାବ୍ୟବାଦ ସୂତ୍ର ଦ୍ୱାରା ନିର୍ଦ୍ଧାରିତ। କ୍ୱାଂଟମ ତତ୍ତ୍ୱରେ ସମ୍ଭାବନା ନିର୍ଦ୍ଧାରିତ ହୁଏ ନିର୍ଦ୍ଧାରଣବାଦୀ ନିୟମ ଭିତ୍ତିକ ପ୍ରକ୍ରିୟା ଦ୍ୱାରା। ଫଳରେ ଏକଥା ଭୁଲ ଯେ କ୍ୱାଂଟମ ଜଗତରେ ସମ୍ଭାବନାବାଦର ସୂତ୍ର ନିର୍ଦ୍ଧାରଣବାଦ ବିରୋଧୀ । ଶିବଦାସ ଘୋଷ କହିଛନ୍ତି, 'ନିର୍ଦ୍ଧାରଣବାଦ ସଂପର୍କରେ ଯେଉଁ ଧାରଣା ପ୍ରଚଳିତ ରହିଛି ତାହା ଅତ୍ୟନ୍ତ ଯାନ୍ତ୍ରିକ। ସୂକ୍ଷ୍ମଭାବେ ଦେଖିଲେ ବୁଝାଯିବ ଯେ ନିର୍ଦ୍ଧାରଣବାଦର ଏହି ଧାରଣା ପୂର୍ବନିର୍ଦ୍ଧାରଣବାଦ ପ୍ରବୃତ୍ତି ଦ୍ୱାରା ପ୍ରଭାବିତ। ଏହି କାରଣରୁ ଅଧିକାଂଶ ଲୋକ ନିର୍ଦ୍ଧାରଣବାଦ କହିଲେ ପ୍ରକୃତରେ ଭାଗ୍ୟବାଦ ବୁଝନ୍ତି। ଫଳରେ ମୁଁ ପୁଣି ଜୋର ଦେଇ କହିବି, ଏହି କଥା ସତ୍ୟ ନୁହେଁ ଯେ ଆଧୁନିକ ବିଜ୍ଞାନରେ ସମ୍ଭାବନାବାଦର ଧାରଣା ନିର୍ଦ୍ଧାରଣବାଦକୁ ଗୌଣ କରିଛି ଅଥବା ଏହା କାର୍ଯ୍ୟକାରଣ ସଂପର୍କ ବିରୋଧୀ। ସଠିକ ଭାବେ ବୁଝିଲେ ଦେଖାଯିବ ଯେ ସମ୍ଭାବ୍ୟବାଦର ସୂତ୍ର ପ୍ରକୃତରେ ନିର୍ଦ୍ଧାରଣବାଦକୁ ପ୍ରାକ୍‌ନିର୍ଦ୍ଧାରଣବାଦର ଧାରଣାରୁ ମୁକ୍ତ କରି ଆହୁରି ମଜବୁତ୍ ଭିତ୍ତି ଉପରେ ପ୍ରତିଷ୍ଠିତ କରିଛି।' ପ୍ରସଙ୍ଗତଃ, ଯାନ୍ତ୍ରିକ ବସ୍ତୁବାଦ ମଧ୍ୟରେ ଭାଗ୍ୟବାଦର ପ୍ରବଣତା ଏଙ୍ଗେଲସ୍ ମଧ୍ୟ ତାଙ୍କର 'ଡାଇଲେକ୍‌ଟିକସ୍ ଅଫ୍ ନେଚର' ବହିଟିରେ 'ଚାନ୍ସ ଏଣ୍ଡ ନେସେସିଟି' ନାମକ ଅଧ୍ୟାୟରେ ଆଲୋଚନା କରି ଦର୍ଶାଇଛନ୍ତି।

### ଗୋଟିଏ ଉଦାହରଣ: ଆଧୁନିକ ଜିନ୍ ତତ୍ତ୍ୱର ଆଲୋକରେ ଡାରୱଇନଙ୍କ ବିବର୍ତ୍ତନବାଦ

ବିଜ୍ଞାନ କିଭଳି ଦ୍ୱାନ୍ଦ୍ୱିକ ପ୍ରକ୍ରିୟା ମାଧ୍ୟମରେ କାମ କରେ ତାହା ବୁଝିବା ପାଇଁ ବିବର୍ତ୍ତନର ପ୍ରକ୍ରିୟା ଉପରେ ଦୃଷ୍ଟିପାତ କରାଯାଉ ଏହା ଡାରୱଇନ ପ୍ରସ୍ତାବନା କରିଥିଲେ ଏବଂ ଜିନ୍ ତତ୍ତ୍ୱର ଅଗ୍ରଗତି ସହିତ ଏହାର କ୍ରମବିକାଶ ଘଟିଛି।

ଏହି ବିଷୟର ଦୁଇଟି ଦିଗ ରହିଛି। ଗୋଟିଏ ବିଶେଷ ଜୀବ ଓ ଏବଂ ବିଶେଷ ଜୀବଟିର ସମଗ୍ର ପ୍ରଜାତି(Specis)। ପ୍ରତ୍ୟେକଟି ଜୀବ ପ୍ରତି ମୁହୂର୍ତ୍ତରେ ତାର ପରିବେଶ ସହିତ ଦ୍ୱନ୍ଦ୍ୱରେ ଅବସ୍ଥାନ କରେ। ଗୋଟିଏ ପ୍ରାଣୀର ଶାରୀରିକ ଗଠନ କିଭଳି ହେବ ତା ନିର୍ଦ୍ଧାରିତ ହୁଏ ତାର 'ଜେନେଟିକ୍ କୋଡ୍'

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ସୁପ୍ରିମ କୋର୍ଟ ମୁଖ୍ୟ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଦେଖାଦେଉଥିବା ସମସ୍ତ ସଙ୍କଟ ପାଇଁ ଶ୍ରମିକ ମାନଙ୍କ ଉପରେ ଦୋଷାରୋପ କରି, ପ୍ରଚଳିତ ପୁଞ୍ଜିବାଦୀ ବ୍ୟବସ୍ଥାର ଶୋଷଣ ମୂଳକ ଚରିତ୍ରକୁ ଲୁଚାଇବାକୁ ଚାହାଁନ୍ତି। ପ୍ରଚାରଟା ଏଭଳି ଭାବରେ କରାଯାଏ, ଯାହାଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି ହେବ ଏବଂ ଶ୍ରମିକମାନେ ସେମାନଙ୍କର ନ୍ୟାୟସଂଗତ ଦାବି ଉଠାଇପାରିବେ ନାହିଁ କିମ୍ବା ଦାବି ପୂରଣ ପାଇଁ ଆନ୍ଦୋଳନ କରିପାରିବେ ନାହିଁ। ମୁଖ୍ୟ ବିଚାରପତିଙ୍କର ଶ୍ରମିକ ବର୍ଗ ବିରୁଦ୍ଧରେ ଏହି ଧରଣର ମନ୍ତବ୍ୟରେ ଦେଶର ମାଲିକ ଓ ମାଲିକ ଶ୍ରେଣୀର ସ୍ୱାର୍ଥ ରକ୍ଷାକାରୀ ବୁଦ୍ଧିଜୀବୀ, ଅର୍ଥନୀତିବିତ୍ ଓ ସ୍ତମ୍ଭକାର ମାନେ ଯେପରି ଖୁସି, ମାଲିକମାନଙ୍କ ରାଜନୈତିକ ପରିଚାଳକ ଏବଂ ସେବକ ଭାବରେ କେନ୍ଦ୍ର ବିଜେପି ସରକାର ମଧ୍ୟ ସମାନ ଭାବରେ ଉଲ୍ଲସିତ। ବାସ୍ତବରେ ବିଚାରପତିଙ୍କ କଣ୍ଠରେ ମାଲିକ ମାନଙ୍କର 'ମନ କି ବାତ' ଶୁଣିବାକୁ ମିଳିଛି।

ପ୍ରସଙ୍ଗତଃ ଉଲ୍ଲେଖ କରିବା ପ୍ରୟୋଜନ ଯେ ମାଲିକମାନଙ୍କ ପାଇଁ ସର୍ବାଧିକ ଲାଭ ସୁନିଶ୍ଚିତ କରିବା ପାଇଁ, ଶ୍ରମିକ ଶ୍ରେଣୀକୁ ଆହୁରି ନିଷ୍ଠୁର ଶୋଷଣର ରାସ୍ତାକୁ ସୁଗମ କରିବାପାଇଁ, କେନ୍ଦ୍ର ବିଜେପି ସରକାର ୪୪ ଟି ଶ୍ରମ ଆଇନକୁ ଉଚ୍ଛେଦ କରି ୪ ଟି ଶ୍ରମ କୋଡ୍ ପ୍ରଣୟନ କରିଛି। ଯାହା ଜରିଆରେ ଦୀର୍ଘ ଲଢେଇ ମଧ୍ୟଦେଇ ଶ୍ରମିକ ଶ୍ରେଣୀ ଅର୍ଜନ କରିଥିବା ପ୍ରାୟ ସମସ୍ତ ଅଧିକାର ମାଲିକ ମାନେ ଛଡ଼ାଇ ନେଇଛନ୍ତି। ଅନ୍ୟପକ୍ଷରେ, ଶ୍ରମିକମାନଙ୍କୁ ଶୋଷଣ କରିବାପାଇଁ ମାଲିକମାନଙ୍କୁ ନିରଙ୍କୁଶ ଅଧିକାର ଦିଆଯାଇଛି। ଦୈନିକ ଆଠ ଘଣ୍ଟା ବଦଳରେ ୧୦-୧୨ ଘଣ୍ଟା କାର୍ଯ୍ୟ ଦିବସକୁ ଆଇନ ସମ୍ମତ କରାଯାଇଛି। ଶ୍ରମିକମାନଙ୍କର ସଂଗଠିତ ହେବାର ଅଧିକାର, ଅର୍ଥାତ୍ ୟୁନିଅନ ଗଠନ କରିବା ଏବଂ ଧର୍ମଘଟ କରିବାର ଅଧିକାର ମଧ୍ୟ କାର୍ଯ୍ୟତଃ ଛଡ଼ାଇ ନିଆଯାଇଛି। ଏହା ବିରୁଦ୍ଧରେ, ଏଆଇୟୁଟିୟୁସି ସମେତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନଗୁଡ଼ିକ ଫେବୃଆରୀ ୧୨ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଡାକରା ଦେଇଥିଲେ।

ବିଗତ ଶତାବ୍ଦୀର ଷାଠିଏ ଦଶକରେ ପଶ୍ଚିମବଙ୍ଗରେ କଂଗ୍ରେସ ବିରୁଦ୍ଧରେ ଲଢେଇ କରି କ୍ଷମତାସୀନ ହୋଇଥିବା ଯୁକ୍ତ ଫ୍ରଣ୍ଟ (united front) ସରକାରର କାର୍ଯ୍ୟକ୍ରମ ସମ୍ପର୍କରେ ହୁଏତ ପାଠକମାନଙ୍କର ସ୍ମରଣ ଥିବ। ପ୍ରଥମ ଯୁକ୍ତ ଫ୍ରଣ୍ଟ ସରକାରରେ ଶ୍ରମ ମନ୍ତ୍ରୀ ଥିଲେ ଏସୟୁସିଆଇ (କମ୍ୟୁନିଷ୍ଟ) ନେତା କମ୍ରେଡ୍ ସୁବୋଧ ବାନାର୍ଜୀ। ମନ୍ତ୍ରୀ ଭାବରେ, ସେ ଦଳର ନୀତି ଅନୁଯାୟୀ ଘୋଷଣା କରିଥିଲେ ଯେ ଶ୍ରମିକ ମାନଙ୍କର ନ୍ୟାୟ ସଂଗତ ଆନ୍ଦୋଳନରେ ପୋଲିସ ହସ୍ତକ୍ଷେପ କରିବ ନାହିଁ। ଫଳସ୍ୱରୂପ, ଦୀର୍ଘ ଦିନ ଧରି ନିର୍ମମ ପୋଲିସ ଦମନର ଶିକାର ହୋଇ ନିଜର ନ୍ୟାୟ ସଂଗତ ପ୍ରାପ୍ୟରୁ ବଞ୍ଚିତ ଶ୍ରମିକ ମାନଙ୍କର ନ୍ୟାୟପୂର୍ଣ୍ଣ ଆନ୍ଦୋଳନର ଜୁଆର ରାଜ୍ୟବ୍ୟାପୀ ସୃଷ୍ଟିହେଲା। ମାଲିକ ମାନେ ଆତଙ୍କିତ ହେଲେ। ସେମାନେ ପ୍ରଚାର କରି ଚାଲିଲେ ଯେ ଶ୍ରମିକ ଆନ୍ଦୋଳନ ଫଳରେ ଗୋଟିଏ ପରେ ଗୋଟିଏ କାରଖାନା ବନ୍ଦ ହେଉଛି। ଫଳସ୍ୱରୂପ, ରାଜ୍ୟର ବିକାଶ ବାଧାପ୍ରାପ୍ତ ହେଉଛି। ସେମାନଙ୍କ ଦ୍ୱାରା ପରିଚାଳିତ ସମ୍ବାଦପତ୍ରଗୁଡ଼ିକ ମଧ୍ୟ ସେମାନଙ୍କର କଥା ଛାପି ଚାଲିଲେ। ମାଲିକମାନଙ୍କର ଏହି ଭଳି ବ୍ୟାପକ ପ୍ରଚାର ଫଳରେ କେତେକ ଶ୍ରମିକ ସଂଗଠନର ନେତାମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ଏକମାତ୍ର ଶ୍ରମିକ ସଂଗଠନ, ଏଆଇୟୁଟିୟୁସିର ନେତାମାନେ ଏହି ଅପ ପ୍ରଚାର ବିରୁଦ୍ଧରେ ଦୃଢ଼ ଭାବରେ ଠିଆ ହୋଇଥିଲେ ଏବଂ ସ୍ପଷ୍ଟ ଭାଷାରେ କହିଥିଲେ ଯେ ଏହା ହେଉଛି ମାଲିକମାନଙ୍କ ଦ୍ୱାରା ଯୋଜନାବଦ୍ଧ ମିଥ୍ୟା ପ୍ରଚାର। ବାସ୍ତବରେ ମାଲିକମାନଙ୍କ ଦ୍ୱାରା ହିଁ କାରଖାନା ବନ୍ଦ କରାଯାଉଛି। ଏହାର କାରଣ ହେଉଛି ବଜାର ସଂକଟ, ଅର୍ଥାତ୍ ଦେଶର ଲୋକଙ୍କ ପାଖରେ ଉତ୍ପାଦିତ ସାମଗ୍ରୀ ଖରିଦ କରିବାପାଇଁ କ୍ରୟ ଶକ୍ତି ନାହିଁ। ଅର୍ଥାତ୍ ବିଭିନ୍ନ ଖାଉଟି ସାମଗ୍ରୀର ଆବଶ୍ୟକତା ଥିଲେବି ସେସବୁ କିଣିବାପାଇଁ ଲୋକଙ୍କ ପକେଟରେ ଟଙ୍କା ନାହିଁ। କେନ୍ଦ୍ର ସରକାରଙ୍କ ଶୁଳ୍କ ସମୀକରଣ ନୀତି ମଧ୍ୟ ସେହି ସମୟରେ ପଶ୍ଚିମ ବଙ୍ଗରେ ଶିଳ୍ପ କ୍ଷେତ୍ରରେ ସଙ୍କଟ ସୃଷ୍ଟିର ଅନ୍ୟ ଏକ କାରଣ ଭାବରେ କାମ କରିଥିଲା। ରାଜ୍ୟ ସରକାରଙ୍କ ତତ୍କାଳୀନ ଶ୍ରମ କମିଶନର - ଦେବବ୍ରତ ବାନାର୍ଜୀ, ମାଲିକମାନଙ୍କ ଦ୍ୱାରା କେତେ କାରଖାନା ବନ୍ଦ କରାଯାଇଥିଲା ଏବଂ ଶ୍ରମିକ ଆନ୍ଦୋଳନ ଯୋଗୁଁ କେତେ କାରଖାନା ବନ୍ଦ ହୋଇଥିଲା ସେ ବିଷୟରେ ସୂଚନା ଦେଇ ଦର୍ଶାଇଥିଲେ ଯେ ଶ୍ରମିକ ଆନ୍ଦୋଳନ ଯୋଗୁଁ କାରଖାନା ବନ୍ଦ ହୋଇ ନାହିଁ, ବଜାର ସଙ୍କଟ ଯୋଗୁ,ଉତ୍ପାଦନ ମାଲିକ ମାନଙ୍କପାଇଁ ଲାଭଦାୟକ ନହେବା ଯୋଗୁ କାରଖାନା ବନ୍ଦ ହୋଇଚି।

ଗୋଟିଏ ପଟେ ସରକାରଙ୍କ ଶ୍ରମିକ ବିରୋଧୀ ଚରିତ୍ର ଏବଂ ଅନ୍ୟପଟେ ଅଧିକାଂଶ ଶ୍ରମିକ ସଂଗଠନର ଆପୋଷମୁଖୀ ମନୋଭାବ ଯୋଗୁଁ ମାଲିକମାନଙ୍କ ଦ୍ୱାରା ଶ୍ରମିକମାନଙ୍କ ଉପରେ ଭୟଙ୍କର ଶୋଷଣ ଏବଂ ଅତ୍ୟାଚାର ଚାଲିଛି, ମାତ୍ର ଏହା ସତ୍ତ୍ୱେ, ଦେଶରେ ଉଲ୍ଲେଖଯୋଗ୍ୟ ଶ୍ରମିକ ଆନ୍ଦୋଳନ ବିକଶିତ ହେଉନାହିଁ। ଏହା କହିବା ବାହୁଲ୍ୟ ଯେ କ୍ଷୁଦ୍ର ଏବଂ ମଧ୍ୟମ ଧରଣର କାରଖାନାରେ କାର୍ଯ୍ୟତଃ କୌଣସି ଶ୍ରମିକ ସଂଗଠନ ନାହିଁ। ବଡ଼ ବଡ଼ କାରଖାନାରେ ମଧ୍ୟ ବହୁତ କମ୍ ଶ୍ରମିକ ସଂଗଠିତ। ଏହି ପରିସ୍ଥିତିରେ, ଶ୍ରମିକ ଆନ୍ଦୋଳନ ଯୋଗୁଁ କାରଖାନା ବନ୍ଦ ହୋଇଯିବ ବୋଲି ବିଚାରପତିଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ଅସତ୍ୟ ଏବଂ ଗତ ବହୁ ଦଶନ୍ଧି ଧରି ମାଲିକମାନଙ୍କ ଦ୍ୱାରା ପ୍ରଚାରିତ ଏକ ମିଥ୍ୟା ବ୍ୟତୀତ ଅନ୍ୟ କିଛି ନୁହେଁ।

ସମଗ୍ର ବିଶ୍ୱର ମାଲିକମାନଙ୍କର ଚରିତ୍ର ସମାନ - ଶୋଷଣର ଚରିତ୍ର ମଧ୍ୟ ସମାନ। ସେଥିପାଇଁ କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ଶ୍ରମିକମାନେ ସେମାନଙ୍କର ନ୍ୟାୟସଂଗତ ଅଧିକାର ପାଇଁ ପ୍ରତିବାଦ କରୁଛନ୍ତି, ଆନ୍ଦୋଳନ କରୁଛନ୍ତି , ଧର୍ମଘଟ କରୁଛନ୍ତି। ସେଥିପାଇଁ ହିଁ ସମଗ୍ର ୟୁରୋପରେ ଶ୍ରମିକ ଆନ୍ଦୋଳନର ଝଡ଼ ଦେଖିବାକୁ ମିଳୁଛି। ବିଚାରପତି ଏସବୁ ନ ଜାଣିବାର କୌଣସି କାରଣ ନାହିଁ। ତଥାପି ସେ ଏଭଳି କାହିଁକି କହିଲେ ?

ଜାଣତରେ କି ଅଜାଣତରେ ତା ବଡ଼ କଥା ନୁହେଁ, ମୁଖ୍ୟ ବିଚାରପତି ପ୍ରକୃତରେ ଶାସକ ଶ୍ରେଣୀର ଭାଷାରେ ହିଁ କଥା କହିଲେ। ତାଙ୍କ ମନ୍ତବ୍ୟ ଶାସକ ବର୍ଗର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ସେ ତାଙ୍କ କଥା ମାଧ୍ୟମରେ ପୁଣି ଥରେ ପ୍ରମାଣିତ କଲେ ନିରପେକ୍ଷତାର ଯେତେ ପ୍ରଚାର କରାଗଲେ ମଧ୍ୟ କୌଣସି ବିଚାରପତି ବା ସେଇ ଅର୍ଥରେ ଗୋଟିଏ ପୁଞ୍ଜିବାଦୀ ଦେଶର ବିଚାର ବ୍ୟବସ୍ଥା ଶ୍ରେଣୀ ରାଜନୀତିର ଊର୍ଦ୍ଧ୍ୱରେ ନୁହେଁ। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ। ଗୋଟିଏ ଶ୍ରେଣୀ-ବିଭକ୍ତ ସମାଜରେ ଶ୍ରେଣୀ ନିରପେକ୍ଷତାର କୌଣସି ସ୍ଥାନ ନାହିଁ। ପୋଲିସ-ପ୍ରଶାସନ, ଅମଲାତନ୍ତ୍ର ଏବଂ ସାମରିକ ବାହିନୀ ସହିତ ରାଷ୍ଟ୍ରର ଅନ୍ୟତମ ସ୍ତମ୍ଭ ଭାବରେ ସୃଷ୍ଟି କରାଯାଇଥିବା ନ୍ୟାୟିକ ବ୍ୟବସ୍ଥାର ବାସ୍ତବ ଶ୍ରେଣୀ ଚରିତ୍ର ମୁଖ୍ୟ ବିଚାରପତିଙ୍କ ମନ୍ତବ୍ୟ ମଧ୍ୟଦେଇ ଫୁଟି ଉଠିଲା। ଯେଉଁମାନେ ଭାବନ୍ତି ଯେ ରାଷ୍ଟ୍ର ହେଉଛି ସମସ୍ତଙ୍କର, ସମସ୍ତଙ୍କ ମଙ୍ଗଳପାଇଁ , ସେମାନେ ନିଶ୍ଚିତ ଭାବରେ ମୁଖ୍ୟ ବିଚାରପତିଙ୍କ ମନ୍ତବ୍ୟରୁ ସେମାନଙ୍କ ଭ୍ରାନ୍ତ ଧାରଣ ସମ୍ପର୍କରେ ଅବଗତ ହେବେ। ଯଦି ଏହା ସତ୍ୟ ହୋଇଥାନ୍ତା, ଯଦି ଏହି ରାଷ୍ଟ୍ର ଏକାଧାରରେ ମାଲିକ ଏବଂ ଶ୍ରମିକ, ଶୋଷକ ଏବଂ ଶୋଷିତ ମାନଙ୍କର ହୋଇଥାନ୍ତା, ତେବେ ନ୍ୟାୟପାଳିକାର ଶୀର୍ଷରେ ଥିବା ବ୍ୟକ୍ତି ଶାସକ ବର୍ଗର ପକ୍ଷ ନେଇ ବଂଚିବା ପାଇଁ ଶ୍ରମିକ ମାନଙ୍କର ଲଢେଇକୁ ଏହିପରି ଭାବରେ ତାଚ୍ଛଲ୍ୟ କରିନଥାନ୍ତେ।

ବହୁ ପୂର୍ବରୁ, ସର୍ବହାରା ଶ୍ରେଣୀର ମୁକ୍ତିର ମାର୍ଗଦର୍ଶକ ମହାନ କାର୍ଲ ମାର୍କ୍ସ ଦେଖାଇଥିଲେ ଯେ ପ୍ରତ୍ୟେକ ରାଷ୍ଟ୍ର ହେଉଛି କୌଣସି ନା କୌଣସି ଶ୍ରେଣୀର ରାଷ୍ଟ୍ର। ସେ ଦେଖାଇଥିଲେ ଯେ ରାଷ୍ଟ୍ର ହେଉଛି ଗୋଟିଏ ଶ୍ରେଣୀ ଦ୍ୱାରା ଅନ୍ୟ ଏକ ଶ୍ରେଣୀକୁ ଦମନ କରିବାର ଏକ ହତିଆର। ବର୍ତ୍ତମାନ ଆମ ଦେଶରେ ପ୍ରତିଷ୍ଠିତ ପୁଞ୍ଜିବାଦୀ ରାଷ୍ଟ୍ର ହେଉଛି ଶ୍ରମିକ ଶ୍ରେଣୀକୁ, ଅର୍ଥାତ୍ ଶ୍ରମିକ ମାନଙ୍କୁ, ପୁଞ୍ଜିବାଦୀ ଶ୍ରେଣୀ ଦ୍ୱାରା ଦମନ ପୀଡନ କରିବାର ଏକ ହତିଆର। ସ୍ୱାଭାବିକ ଭାବରେ, ଗୋଟିଏ ପୁଞ୍ଜିବାଦୀ ରାଷ୍ଟ୍ରରେ, ସଂସଦ, ପ୍ରଶାସନ ଏବଂ ନ୍ୟାୟପାଳିକା ସବୁ କିଛି ମାଲିକ ଶ୍ରେଣୀର ଶାସନ ଏବଂ ଶୋଷଣର ଉପକରଣ ଭାବରେ ଗଢ଼ି ଉଠିଛି। କିନ୍ତୁ ପୁଞ୍ଜିବାଦୀ ବ୍ୟବସ୍ଥାର ପ୍ରବକ୍ତା ମାନେ ଏହି ସତ୍ୟକୁ ସ୍ୱୀକାର କରନ୍ତି ନାହିଁ। ସେମାନେ ଏହାକୁ ଏକ ଗଣତାନ୍ତ୍ରିକ, ଅର୍ଥାତ୍ ସମାନ ଭାବରେ ସମସ୍ତଙ୍କର ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ ଏକ ରାଷ୍ଟ୍ର ଭାବରେ ଦେଖାଇବାକୁ ଚାହାଁନ୍ତି। ବାସ୍ତବରେ, ପୁଞ୍ଜିବାଦୀ ରାଷ୍ଟ୍ରରେ ଯେଉଁ ଗଣତନ୍ତ୍ର ଅଛି ତାହା ଶ୍ରମିକ ଶ୍ରେଣୀକୁ ଲଗାମଛଡା ଭାବରେ ଶୋଷଣ ପାଇଁ ମାଲିକ ଶ୍ରେଣୀର ଗଣତନ୍ତ୍ର। ଶୋଷିତ ଲୋକଙ୍କ ପାଇଁ ଗଣତନ୍ତ୍ରର ଚିହ୍ନ ବର୍ଣ୍ଣ ପୁଞ୍ଜିବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାହିଁ। ଶ୍ରମିକ ଶ୍ରେଣୀ, ଶୋଷିତ ବର୍ଗ, ଅର୍ଥାତ୍ କୌଣସି ଦେଶର ୯୯ ପ୍ରତିଶତ ଲୋକ କେବଳ ଏକ ସମାଜବାଦୀ ରାଷ୍ଟ୍ରରେ , ଅର୍ଥାତ୍ ଏକ ଶ୍ରମିକ ଶ୍ରେଣୀ ରାଷ୍ଟ୍ରରେ ହିଁ ପ୍ରକୃତ ଗଣତନ୍ତ୍ରର ସ୍ୱାଦ ପାଆନ୍ତି।

ଏହା ଉଲ୍ଲେଖନୀୟ ଯେ ମୁଖ୍ୟ ବିଚାରପତି ଉପରୋକ୍ତ ଜନସ୍ୱାର୍ଥ ସମ୍ବଳିତ ମାମଲାର ବିଚାରକରି ପର ଘରେ ବାସନ ମାଜିବା, ଘର ଝାଡୁ କରିବା ଭଳି କାମ କରି ପରିବାର ପ୍ରତିପୋଷଣ କରୁଥିବା, ମୁଖ୍ୟତଃ ମହିଳା ଘରୋଇ ଶ୍ରମିକ ମାନଙ୍କ ସର୍ବନିମ୍ନ ମଜୁରୀର ଦାବିକୁ ଆଇନ ସିଦ୍ଧ କରିବା ଆବେଦନକୁ ପ୍ରତ୍ୟାଖାନ କରିଦେଇଥିଲେ। ଏହା ହେଉଚି ଆମ ଦେଶର ବହୁ ପ୍ରଚାରିତ ନ୍ୟାୟ ବ୍ୟବସ୍ଥା ଓ ନ୍ୟାୟ ମୂର୍ତ୍ତି ମାନଙ୍କର ପ୍ରକୃତ ଚେହେରା। ★★★

## ଦିନକୁ ଦିନ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଜମି ଉପରେ ଡାଲମିଆଁ ଓସିଏଲ କମ୍ପାନୀ ସ୍ୱାର୍ଥରେ ବଳପୂର୍ବକ ଚୂନପଥର ଖନନ ପାଇଁ ଆନ୍ଦୋଳନରତ ସ୍ଥାନୀୟ ଜନସାଧାରଣଙ୍କ ଉପରେ ପୋଲିସ ଦମନଲୀଳା ହିଂସ୍ର ରୂପ ନେଇଛି। ଲାଠି ମାଡରେ ବହୁ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଖାଲି ସେତିକି ନୁହେଁ, ବିଭିନ୍ନ ସ୍ଥାନରେ ଲୋକଙ୍କ ଫସଲ ଫଳିଥିବା ଜମିକୁ କମ୍ପାନୀ ନଷ୍ଟ କରିଦେଇଛି। ଯେମିତି ଗତ ଡିସେମ୍ବର ୩୦ତାରିଖ ମଧ୍ୟ ରାତ୍ରିରେ ରାଜ୍ୟ ପୋଲିସ ଓ ଅଫିସରଙ୍କ ସୁରକ୍ଷା ବଳୟ ମଧ୍ୟରେ କମ୍ପାନୀର ୩୦ରୁ ଊର୍ଦ୍ଧ୍ୱ ଜେସିପି ଏ ଅଂଚଳରେ ଥିବା ଲାଂଜିବେରନା ଗ୍ରାମର ରବି ଫସଲ ହୋଇଥିବା ୩୭ ଏକରରୁ ଊର୍ଦ୍ଧ୍ୱ ଚାଷ ଜମିକୁ ସଂପୂର୍ଣ୍ଣ ନଷ୍ଟ କରିଦେଇଛି। ଖୋଲାଖୋଲି ଭାବେ ରାଜ୍ୟ ସରକାର କମ୍ପାନୀର ଦଲାଲଭାବେ କାମ କରି ଜନସାଧାରଣଙ୍କ ଧନ ଜୀବନ ଉପରେ ନୃଶଂସ ଦମନଲୀଳା ଚଳାଇଛନ୍ତି। ସରକାର କମ୍ପାନୀ ସ୍ୱାର୍ଥରେ କେତେ ଅଗଣତାନ୍ତ୍ରିକ ଓ ଅମାନବୀୟ ହୋଇପାରେ ତା'ର ମଧ୍ୟ ନଗ୍ନ ନମୁନା ଏଠି ଦେଖିବାକୁ ମିଳୁଛି। ଜମି ଅଧିଗ୍ରହଣ ପାଇଁ ପ୍ରତି ଗ୍ରାମରେ ଗ୍ରାମ ସଭା କରି ୮୦ଭାଗ ଜମିମାଲିକଙ୍କ ସମ୍ମତି ପ୍ରଦାନ ବାଧ୍ୟତାମୂଳକ ଥିଲେ ବି ତା ଏଠି ଖୋଲାଖୋଲି ଉଲଂଘନ କରାଯାଇଛି। ଯେଉଁ ଡାଲମିଆଁ ଓ ସିଏଲ କମ୍ପାନୀ ଦୀର୍ଘ ୩୦ବର୍ଷ ଧରି ଏ ଅଂଚଳର ଖଣି ଖନନ କରି ଶହ ଶହ ଏକର ଜମିକୁ ନଷ୍ଟ କରି ଦେଇଛି, ସୃଷ୍ଟି ହୋଇଥିବା ବିଶାଳକାୟ ଗର୍ତ୍ତକୁ ମାଟି ବାଲି ପୁରାଇ ସମତଳ କରିବାର ଦାୟିତ୍ୱ ପାଳନ କରିନାହିଁ, ଏ ଅଂଚଳର ଜଳବାୟୁ ପାଣି ପ୍ରଦୂଷିତ କରିଛି, ଧୂଳି ଧୂଆଁରେ ଭର୍ତ୍ତି କରିଦେଇଛି, କେତେ ଲୋକ ରୋଗଗ୍ରସ୍ତ ହୋଇ ବିନା ଚିକିତ୍ସାରେ ମୃତ୍ୟୁବରଣ କରୁଛନ୍ତି, ସେଠି ପୁଣି ଏହି କମ୍ପାନୀକୁ ବିଜେପି ସରକାର ଖଣି ଖନନ ପାଇଁ ଅନୁମତି ଦେଇଛି। ବିଜେପି ଦଳ ଓ କମ୍ପାନୀର ଭିତିରି ବୁଝାମଣା ଆଜି ଖୋଲାଖୋଲି ଭାବେ ଉଦ୍ଘାଟିତ ହୋଇଯାଇଛି। ଲୋକମାନେ ଶକ୍ତିଶାଳୀ ଆନ୍ଦୋଳନ ପାଇଁ ସଜବାଜ ହେଲେଣି। ସେମାନେ ବଜ୍ରକଣ୍ଠରେ ଘୋଷଣା କରିଛନ୍ତି, "ଆମେ ମରିବୁ ପଛେ ଏ ଅନ୍ୟାୟ ସହିବୁ ନାହିଁ, ଟଙ୍କାର ଲୋଭ ଦେଖାଇ, ବନ୍ଧୁକର ଧମକ ଦେଖାଇ ଆମ ଜମି ନେଇ ପାରିବ ନାହିଁ।"

ଓଡିଶାର ଆରାବଳୀ ଭାବେ ପରିଚିତ ବଲାଙ୍ଗିର-ବରଗଡ ଜିଲ୍ଲାରେ ଅବସ୍ଥିତ ଗନ୍ଧମାର୍ଦ୍ଦନରୁ ଆରମ୍ଭ କରି ରାୟଗଡା-କଳାହାଣ୍ଡି ଜିଲ୍ଲାରେ ଅବସ୍ଥିତ ସିଜିମାଳି ପାର୍ବତ୍ୟ ଅଂଚଳ ଆଜି ଧ୍ୱଂସ ମୁଖରେ। ସିଜିମାଳି ପର୍ବତରେ ଥିବା ମୂଲ୍ୟବାନ ବକ୍ସାଇଟ ଖଣି ଖନନ ପାଇଁ ବେଦାନ୍ତ କମ୍ପାନୀକୁ ଲିଜ୍ ଦିଆଯାଇଛି। ପାଖରେ ଥିବା କୁଟୁରିମାଳିକୁ ଆଦାନୀ କମ୍ପାନୀକୁ ଲିଜ ଦିଆଯାଇଛି। ମୂଲ୍ୟବାନ ବକ୍ସାଇଟ୍ ଗଚ୍ଛିତ ଥିବା ଗନ୍ଧମାର୍ଦ୍ଦନକୁ ଏ ନୂଆ ସରକାର ଖୁବ୍ ଚଞ୍ଚକତାପୂର୍ଣ୍ଣଭାବେ ଆଦାନୀକୁ ବନୀକରଣ ନାଁରେ ଦେଇଛନ୍ତି। ସଂପୂର୍ଣ୍ଣ ମାଳି ପାର୍ବତ୍ୟାଂଚଳକୁ ଦେଶୀ ବିଦେଶୀ କମ୍ପାନୀମାନଙ୍କ ହାତକୁ ଟେକି ଦେବାପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଯେମିତି ଶାଶୁବୋହୂ ମାଳି. ମାଂଝିମାଳିକୁ ଲିଜ ଦେବାପାଇଁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି। କର୍ଲାପାଟ ଜଙ୍ଗଲର ବିସ୍ତୀର୍ଣ୍ଣ ଅଂଚଳ ଖଣ୍ଡୁଆଳ ମାଳିର ଏକ ବଡ ଅଂଶକୁ ବେଦାନ୍ତକୁ ଦେଇ ଦିଆଯାଇଛି। ଏସବୁ କଲାବେଳେ ଅତୀତର ସରକାର ଓ ବର୍ତ୍ତମାନର ବିଜେପି ସରକାର ସର୍ବନିମ୍ନ ସାମ୍ବିଧାନିକ ନିର୍ଦ୍ଦେଶ, ପେସା ଆଇନ, ଜଙ୍ଗଲ ସଂରକ୍ଷଣ ଆଇନ-୨୦୨୨, ଜମି ଅଧିଗ୍ରହଣ ଆଇନ-୨୦୧୩ର କୌଣସି ପରୱା କରିନାହାନ୍ତି। ମନଇଚ୍ଛା ଖଣି ଓ ଜଙ୍ଗଲ ହସ୍ତାନ୍ତର କରିଚାଲିଛନ୍ତି। ଖଣିଖନନ ଓ ଜଙ୍ଗଲ ଧ୍ୱଂସକୁ ବିରୋଧ କରି, ନିଜର ଜୀବନ ଜୀବିକାର ଉତ୍ସ ଜମି-ଜଙ୍ଗଲ-ପାହାଡ-ଝରଣାର ସୁରକ୍ଷା ପାଇଁ ଲଢୁଥିବା ଏ ଅଂଚଳର

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ

# ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନର ପ୍ରତିକ୍ରିୟା

### ଏହି ଜନବିରୋଧି କୃଷକ ସ୍ୱାର୍ଥ ବିରୋଧି ଚୁକ୍ତି ବିରୁଦ୍ଧରେ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବାକୁ ସାଧାରଣ ସଂପାଦକ କମ୍ରେଡ୍ ଶଙ୍କର ଘୋଷଙ୍କ ଆହ୍ୱାନ

**ଖ**ବର ଆସୁଛି ଯେ, ବର୍ଷେରୁ ଅଧିକ ସମୟ ଧରି ଅଟକି ରହିଥିବା ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଗତକାଲି ଫେବୃଆରୀ ୩, ୨୦୨୬ରେ ଚୂଡ଼ାନ୍ତ ହୋଇଛି। ସଂସଦରେ କୃଷକ ବିରୋଧୀ, ଜନବିରୋଧୀ ଏବଂ କର୍ପୋରେଟ୍ ସ୍ୱାର୍ଥ ରକ୍ଷାକାରୀ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପିତ ହେବା ପରେ ପରେ ଏହା ଘଟିଛି। ଏହା ଅତ୍ୟନ୍ତ ବିଡ଼ମ୍ବନାର ବିଷୟ ଯେ, ଯେତେବେଳେ ସଂସଦର ଅଧିବେଶନ ଚାଲିଛି, ସେହି ସମୟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏଭଳି ଏକ ଚୁକ୍ତି ବିଷୟରେ ଏକତରଫା ଘୋଷଣା କରିଛନ୍ତି, ଯାହା ଭାରତର କୃଷକ ସମାଜକୁ ଗଭୀର ଭାବେ ପ୍ରଭାବିତ କରିବ। ପ୍ରଧାନମନ୍ତ୍ରୀ ଏପର୍ଯ୍ୟନ୍ତ ଆମେରିକା ସହ ହୋଇଥିବା ଏହି ଚୁକ୍ତି ବିଷୟରେ ଦେଶବାସୀଙ୍କୁ କିଛି ଜଣାଇନାହାନ୍ତି। କେନ୍ଦ୍ର ବିଜେପି ସରକାରଙ୍କ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏହି ଚୁକ୍ତି ବିଷୟରେ କେବଳ ଏକ ସାମାନ୍ୟ ସ୍ପଷ୍ଟୀକରଣ ଦେଇଛନ୍ତି।

ଟ୍ରମ୍ପ ଏବଂ ଶୀର୍ଷ ଆମେରିକୀୟ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ ସୂଚନା ଅନୁଯାୟୀ, ଭାରତ ରୁଷଠାରୁ ତେଲ ଆମଦାନୀ ବନ୍ଦ କରିବ ଏବଂ ଭେନେଜୁଏଲାଠାରୁ ତେଲ କିଣିବ। ଭାରତ ରୁଷିଆରୁ ତେଲ କିଣୁଥିବାରୁ ଆମେରିକା ଭାରତରୁ ରପ୍ତାନୀ ହେଉଥିବା ସାମଗ୍ରୀ ଉପରେ ଯେଉଁ ୫୦% ଶୁଳ୍କ (tariff) ଲଗାଇଥିଲା, ତାହାକୁ ୧୮% କୁ ହ୍ରାସ କରିବ। ମାତ୍ର ଆମେରିକାରୁ ଭାରତକୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଶୂନ୍ୟ ଶୁଳ୍କ ରହିବ। ଆମେରିକାର ଦାବି ଅନୁଯାୟୀ, ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଥିବା ସମସ୍ତ ଶୁଳ୍କ ଓ ଅନ୍ୟାନ୍ୟ ପ୍ରତିବନ୍ଧକକୁ ଭାରତ ଶୂନ୍ୟକୁ ହ୍ରାସ କରିବ ବୋଲି ପ୍ରତିଶୃତି ଦେଇଛି। ଟ୍ରମ୍ପ ଏହା ମଧ୍ୟ ଦାବି କରିଛନ୍ତି ଯେ, ଭାରତ ୪୫.୫ ଲକ୍ଷ କୋଟି ଟଙ୍କାର ଆମେରିକୀୟ ସାମଗ୍ରୀ କିଣିବାକୁ ପ୍ରତିଶୃତି ଦେଇଛି।

କୃଷକମାନଙ୍କୁ ପ୍ରଭାବିତ କରିବାକୁ ଥିବା ଅନ୍ୟାନ୍ୟ ପ୍ରମୁଖ ବିଷୟଗୁଡ଼ିକ ହେଲା: ଭାରତ ମକା ଏବଂ ଜେନେଟିକାଲି ମୋଡିଫାଇଡ୍ (GM) ସୋୟାବିନ୍ ସମେତ ଆମେରିକୀୟ କୃଷିଜାତ ଦ୍ରବ୍ୟ ପାଇଁ ଭାରତୀୟ ବଜାରକୁ ଖୋଲିବାକୁ ସମ୍ମତି ଜଣାଇଛି। ଆମେରିକୀୟ ଅଧିକାରୀମାନେ ଆଶା କରୁଛନ୍ତି ଯେ ଏହା ୧.୩ ବିଲିୟନ ଡଲାରର କୃଷି ବାଣିଜ୍ୟ ନିଅଣ୍ଟକୁ ହ୍ରାସ କରିବାରେ ସାହାଯ୍ୟ କରିବ। ଆମେରିକାରୁ ଆସୁଥିବା ରିପୋର୍ଟ ଅନୁଯାୟୀ, ଭାରତ ନିଜର ଦୁଗ୍ଧ କ୍ଷେତ୍ରକୁ ଆମେରିକାର ଅତ୍ୟଧିକ ସବସିଡି ପ୍ରାପ୍ତ ଦୁଗ୍ଧଜାତ ଦ୍ରବ୍ୟ ପାଇଁ ଖୋଲିଦେବ। ଏହାଫଳରେ ଭାରତୀୟ ଦୁଗ୍ଧ ଚାଷୀମାନେ ବାର୍ଷିକ ପ୍ରାୟ ୧.୦୩ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାର ଆଶଂକା ଅଛି। ବର୍ତ୍ତମାନ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଉପରେ ୫୫% ରୁ ୮୧% ପର୍ଯ୍ୟନ୍ତ ଶୁଳ୍କ ରହିଛି ଯାହା ଭାରତୀୟ ଚାଷୀଙ୍କ ପାଇଁ ଏକ ସୁରକ୍ଷା କବଚ ସଦୃଶ, କିନ୍ତୁ ଏହାକୁ ଉଠାଇ ଦିଆଯିବା ଫଳରେ ଭାରତୀୟ ବଜାରରେ ଆମେରିକୀୟ ଦୁଗ୍ଧଜାତ ଦ୍ରବ୍ୟର ବନ୍ୟା ଛୁଟିବ। ଆମେରିକାର କୃଷି ସଚିବ ଏହି ଚୁକ୍ତିକୁ ଆମେରିକା ପାଇଁ ଏକ ବିଜୟ ବୋଲି କହିଛନ୍ତି, ଯାହା ଭାରତର ବିଶାଳ ବଜାରକୁ କୃଷିଜାତ ଦ୍ରବ୍ୟ ରପ୍ତାନୀ କରି ଗ୍ରାମୀଣ ଆମେରିକାରେ ଅର୍ଥର ପ୍ରବାହ ବଢ଼ାଇବ।

ଅନେକ କୃଷିଜାତ ଦ୍ରବ୍ୟ ଉପରୁ ଶୁଳ୍କ ଓ ଅଣ-ଶୁଳ୍କ ବାଧାବିଘ୍ନ ହ୍ରାସ କିମ୍ବା ସମ୍ପୂର୍ଣ୍ଣ ରଦ୍ଦ କରିବାକୁ ଭାରତ ରାଜି ହୋଇଛି ବୋଲି ଟ୍ରମ୍ପ ଦାବି କରିଛନ୍ତି। ଆଲମଣ୍ଡ (Almond) ଏବଂ ପିସ୍ତା ଭଳି ଶୁଖିଲା ଫଳ(Dry Fruit) କ୍ଷେତ୍ରରେ ଭାରତ ଏକ ବଡ଼ ବଜାର।୨୦୨୪ରେ ଆମେରିକାରୁ ଏହାର ଆମଦାନୀ ୧.୧ ବିଲିୟନ ଡଲାର ଅତିକ୍ରମ କରିଛି। ଡାଲି ଜାତୀୟ ଶସ୍ୟ କ୍ଷେତ୍ରରେ ମଧ୍ୟ, ମସୁର ଡାଲି ଏବଂ ହଳଦିଆ ମଟର ଭଳି ଆମେରିକୀୟ ଶସ୍ୟ ଉପରେ ଥିବା ୩୦% ଶୁଳ୍କକୁ କମାଇ ଦିଆଯିବ କିମ୍ବା ଶୂନ୍ୟ କରିଦିଆଯିବ। ଭାରତୀୟ କୃଷକଙ୍କ ଉପରେ ଏହାର ପ୍ରଭାବ କ'ଣ ହେବ ତାହା କହିବା ଅନାବଶ୍ୟକ। ସମସ୍ତେ ଜାଣନ୍ତି ଯେ ବ୍ରିଟେନ ସହିତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଏବଂ କପା ଉପରେ ଆମଦାନୀ ଶୁଳ୍କ ୧୫% ରୁ ୦% କୁ ହ୍ରାସ ପାଇବା ପରେ, କିଛି ମାସ ପୂର୍ବରୁ ବଜାରରେ କପା ଦର ହ୍ରାସ ପାଇଥିଲା ଏବଂ ଭାରତର କପା ଚାଷୀମାନେ ବ୍ୟାପକ କ୍ଷତି ସହିଥିଲେ।

ସଂକ୍ଷେପରେ କହିବାକୁ ଗଲେ, ଭାରତ ଏବଂ ଆମେରିକା ମଧ୍ୟରେ ହୋଇଥିବା ଏହି ବାଣିଜ୍ୟ ଚୁକ୍ତି ସାଧାରଣ କୃଷକଙ୍କ ସ୍ୱାର୍ଥ ବିରୋଧୀ, ଯାହା ବିରୁଦ୍ଧରେ ଲଢ଼େଇ କରିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ।

ଆମେ ସମସ୍ତ ସଂଗ୍ରାମୀ ଜନତା, ବିଶେଷକରି କୃଷକମାନଙ୍କୁ ଏହି ଜଘନ୍ୟ ଚୁକ୍ତି ବିରୋଧରେ ନିଜର ସମସ୍ତ ଶକ୍ତି ସହିତ ପ୍ରତିରୋଧ କରିବାକୁ ଆହ୍ୱାନ କରୁଛୁ।

# କମ୍ରେଡ ଗୌର ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ଏସୟୁସିଆଇ(ସି)ର ଆବେଦନକାରୀ ସଭ୍ୟ, ଏଆଇଡିଏସଓ ଓଡ଼ିଶା ରାଜ୍ୟ କମିଟି ସଭ୍ୟ ତଥା କେନ୍ଦୁଝର ଜିଲ୍ଲା ସଂଗଠକ କମ୍ରେଡ ଗୌର ପାତ୍ର ଗତ ୧୬ ଫେବୃୟାରୀ ୨୦୨୬ ପୂର୍ବାହ୍ନରେ ଫୁଲନଖରାସ୍ଥିତ ସମ-୨ ହସ୍ପିଟାଲରେ ମାତ୍ର ୨୭ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଭୂତାଣୁ ଜନିତ ହେପାଟାଇଟିସ-ଏ ସଂକ୍ରମଣ ଫଳରେ ଲିଭର ସଂକ୍ରମଣ ଓ କିଡନୀ ଅକାମୀ ହୋଇଯିବା ଫଳରେ ତାଙ୍କ ଅମୂଲ୍ୟ ଜୀବନ ରକ୍ଷା କରାଯାଇ ପାରିଲାନାହିଁ।

୨୦୧୦ ମସିହାରେ କମ୍ରେଡ ଗୌର ପାତ୍ର ଛାତ୍ର ଅବସ୍ଥାରେ ଛାତ୍ର ସଂଗଠନ ଏଆଇଡିଏସଓରେ ଯୋଗ ଦେଇଥିଲେ। ଏହାପରେ ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାରେ ଆକୃଷ୍ଟ ହୋଇ ଏସୟୁସିଆଇ(ସି)ର ଜଣେ କର୍ମୀ ଭାବେ ବିପ୍ଳବୀ କର୍ମକାଣ୍ଡରେ ନିଜକୁ ଲିପ୍ତ କରିଥିଲେ। ୨୦୧୬ ମସିହାରେ ସେ ଦଳର ଆବେଦନକାରୀ ସଦସ୍ୟ ହୋଇଥିଲେ। ଛାତ୍ର ସଂଗଠନର ଦାୟିତ୍ୱଶୀଳ ଓ ନିର୍ଭରଯୋଗ୍ୟ କର୍ମୀଭାବେ ସାରା ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜରେ ସଂଗଠନର ବ୍ୟାପ୍ତି ପାଇଁ ପ୍ରୟାସ ଜାରି ରଖିଥିଲେ। ଅତ୍ୟନ୍ତ ହୃଦୟବାନ, ସ୍ନେହଶୀଳ ସଂଗଠକ ଭାବେ ସେ ସମସ୍ତଙ୍କୁ ଅତି ସହଜରେ ଆକୃଷ୍ଟ କରିପାରୁଥିଲେ। କମ୍ରେଡ ଗୌର ପାତ୍ରଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା ହୋଇପାରିଥିଲା 'ନେତାଜୀ ସୁଭାଷ ଫ୍ରି କୋଚିଂ ସେଣ୍ଟର'। ସେଠାରେ କମ୍ରେଡ ଗୌର ପାତ୍ରଙ୍କ ମୃତ ଶରୀର ପହଂଚିଲା ପରେ ଶହ ଶହ ଛାତ୍ର ଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ତାଙ୍କୁ ଆବେଗଭରା ନୟନରେ ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ। ହାସପାତାଳରୁ ତାଙ୍କ ମୃତଶରୀରକୁ ନେବା ସମୟରେ ଏସୟୁସିଆଇ(ସି) ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ଅଶୋକ ମିଶ୍ର, ରାଜ୍ୟ କମିଟି ସଭ୍ୟ ତଥା କେନ୍ଦୁଝର ଜିଲ୍ଲା ସମ୍ପାଦକ କମ୍ରେଡ ପ୍ରକାଶ ମଲ୍ଲିକ, କେଦାରନାଥ ସାହୁ, ସୁବାସ ମଲ୍ଲିକ, ସୁବାସ ନାୟକ ପ୍ରମୁଖ ତାଙ୍କ ପାର୍ଥିବ ଶରୀରରେ ମାଲ୍ୟାର୍ପଣ କରିଥିଲେ। ଫ୍ରି କୋଚିଂ ସେଣ୍ଟର ଠାରେ ଛାତ୍ରଛାତ୍ରୀଙ୍କ ସମେତ ଏଆଇଡିଏସଓ ରାଜ୍ୟ ସମ୍ପାଦକ କମ୍ରେଡ ସିଦ୍ଧାର୍ଥ ରଥ, ଉପ-ସଭାପତି ନିରୁପମା ବେହେରା, କୋଷାଧ୍ୟକ୍ଷା ସପ୍ତର୍ଷିନୀ ରାଉଳ, ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ପରମାନନ୍ଦ ସାହୁ, ନାରାୟଣ ନାୟକ, ନାରାୟଣ ସାହୁ, ରାଜ୍ୟ କମିଟି ସଭ୍ୟ ନକୁଳ ପାତ୍ର, ଏସୟୁସିଆଇ(ସି) କେନ୍ଦୁଝର ଜିଲ୍ଲା ସଂଗଠକ କମ୍ରେଡ ଖଗେଶ୍ୱର ମହାନ୍ତ, ବିଷ୍ଣୁ ଶର୍ମା ସାହୁ, ନନ୍ଦକିଶୋର ପାତ୍ର ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ତାଙ୍କର ଅକାଳ ମୃତ୍ୟୁ ଫଳରେ ଏଆଇଡିଏସ୍ଓ ଜଣେ ବିପ୍ଳବୀ କର୍ମୀଙ୍କୁ ହରାଇଲା ଏବଂ କେନ୍ଦୁଝର ସଂଗଠନ ଗଭୀର ଭାବରେ କ୍ଷତିଗ୍ରସ୍ତ ହେଲା।

**କମ୍ରେଡ ଗୌର ପାତ୍ର ଲାଲ ସଲାମ**

# ନେତାଜୀ ସୁଭାଷ ଜୟନ୍ତୀ କମିଟି ପକ୍ଷରୁ କଟକରେ ସାଧାରଣ ସଭା




ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୩୦ତମ ଜୟନ୍ତୀ ଉପଲକ୍ଷେ ସାରା ଓଡିଶା ନେତାଜୀ ସୁଭାଷ ଜୟନ୍ତୀ କମିଟି, କଟକ ଜିଲ୍ଲା କମିଟି ପକ୍ଷରୁ ଫେବୃଆରୀ ୭ ତାରିଖ ଦିନ କଟକ ଟାଉନହଲଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସମ୍ମାନୀତ ଅତିଥିଭାବେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୁବିର ପାଲିତ, ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିଶୁରୋଗ ଶଲ୍ୟ ବିଶେଷଜ୍ଞ ପ୍ରଫେସର କନିଷ୍କ ଦାସ, ବକ୍ତାଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ବିଜୟଲକ୍ଷ୍ମୀ ଦାଶ ଏବଂ ବିଶ୍ୱାବସୁ ଦାସ ଯୋଗ ଦେଇଥିଲେ। କମିଟିର ଜିଲ୍ଲା ସଭାପତି ଡକ୍ଟର ଦେବାଶିଷ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। କମିଟିର ସଂପାଦିକା ବବି ବଳବନ୍ତରାୟ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ବିଶିଷ୍ଟ ଆଇନଜୀବୀ ପ୍ରଭୁ ପ୍ରସନ୍ନ ବେହେରା ନୂତନ ସଦସ୍ୟତା ପାଇଁ ଉଦ୍ଦିଷ୍ଟ ଆବେଦନ ପତ୍ରକୁ ଉଦଘାଟନ କରିଥିଲେ। ସାମାଜିକ କର୍ମୀ ମଞ୍ଜୁଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାକମିଟିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଡକ୍ଟର ଅର୍ଜୁନ ବିଶ୍ୱାଳ, ରଞ୍ଜନ କୁମାର ଲେଙ୍କା, ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ, ଡକ୍ଟର ଜୟଶ୍ରୀ ଷଡଙ୍ଗୀ, ଡକ୍ଟର ଅକ୍ଷୟ ଭଦ୍ର, ଡକ୍ଟର ସରଳା ସ୍ୱାଇଁ, ମୋହିନୁଦ୍ଦିନ ହାରୁନ୍, ହୃଷିକେଶ ବଳ, ଆଇନଜୀବୀ ସୁକାନ୍ତ ନାୟକ, ଚିତ୍ତ ରଞ୍ଜନ ମହାନ୍ତି, ଆଇନଜୀବୀ ସୋମା ପଟ୍ଟନାୟକ, ସୁବାଷ ଚନ୍ଦ୍ର ପ୍ରଧାନ, ଶାଶ୍ୱତୀ କର, ଅରବିନ୍ଦ ମଲ୍ଲିକ, ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାସ, ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର କଲ୍ୟାଣ ଦତ୍ତ, ଇଣ୍ଟର ନ୍ୟାସନାଲ କ୍ଲବର ଆବାହକ ସୁବାସ ଦାସ, ସାହିତ୍ୟିକ ଅକ୍ଷୟ ରାଉଳ, ଅର୍ଜୁନ ଜେନା ତଥା କମିଟିର କୋଷାଧ୍ୟକ୍ଷ ବିନୋଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ,ଅଧ୍ୟାପକ, ଛାତ୍ରଛାତ୍ରୀ, ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସଭା ଶେଷ ହେବା ପୂର୍ବରୁ କମିଟି ପକ୍ଷରୁ ଗତ ଜାନୁୟାରୀ ୧୧ ତାରିଖରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସ୍ୱାଧୀନତା ଆନ୍ଦୋଳନର ବୁର୍ଜୁଆ ନେତୃତ୍ୱ ସମାଜର ଗଣତାନ୍ତ୍ରିକରଣ କାମଟିକୁ ଚୂଡାନ୍ତ ଅବହେଳା କରିଛି

*୧୯୬୪ ମସିହା ନଭେମ୍ବର ମାସରେ ଦିଲ୍ଲୀଠାରେ ଅନୁଷ୍ଠିତ ସାଂପ୍ରଦାୟିକ ସଂହତି ଉପରେ ଅନୁଷ୍ଠିତ ଜାତୀୟ ଗଣତାନ୍ତ୍ରିକ କନ୍‌ଭେନ୍‌ସନରେ ଯୋଗଦେବା ପାଇଁ ଆମ ଦଳର ପ୍ରିୟ ନେତା ଓ ଶିକ୍ଷକ କମ୍ରେଡ୍ ଶିବଦାସ ଘୋଷ ନିମନ୍ତ୍ରିତ ହୋଇଥିଲେ। କେତେକ ଅନିବାର୍ଯ୍ୟ କାରଣ ଯୋଗୁ ସେ ଉକ୍ତ କନ୍‌ଭେନ୍‌ସନରେ ଯୋଗଦେଇ ପାରିନଥିଲେ ମଧ କନ୍‌ଭେନ୍‌ସନ୍‌ର ପ୍ରତିନିଧି ମାନଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ବକ୍ତବ୍ୟ ପଠାଇଥିଲେ। ପରବର୍ତ୍ତୀ ସମୟରେ ଏହି ବକ୍ତବ୍ୟଟି 'ସାଂପ୍ରଦାୟିକ ସମସ୍ୟା ପ୍ରସଙ୍ଗେ' ଶିରୋନାମାରେ ପୁସ୍ତିକା ଆକାରରେ ପ୍ରକାଶିତ ହୋଇଥିଲା ଏବଂ ଓଡିଆ ସମେତ ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ପୁସ୍ତିକାର ନିର୍ବାଚିତ ଅଂଶ ସର୍ବହରା କ୍ରାନ୍ତି ଚଳିତ ସଂଖ୍ୟାରେ ପ୍ରକାଶ କରାଯାଉଛି। ଆଶାକରୁଛୁ ବର୍ତ୍ତମାନ ଆମ ଦେଶରେ ମାରାତ୍ମକ ଭାବରେ ମୁଣ୍ଡଟେକିଥିବା ସାଂପ୍ରଦାୟିକ ସମସ୍ୟାର ମୂଳ କାରଣ ଓ ଏହାର ନିରାକରଣ ସଂପର୍କରେ ପାଠକ ମାନଙ୍କ ମଧ୍ୟରେ ଏକ ବିଜ୍ଞାନ ସମ୍ମତ ଧାରଣା ସୃଷ୍ଟି କରିବାରେ ଏହା ସହାୟକ ହେବ। - ସଂପାଦକ ସର୍ବହରା କ୍ରାନ୍ତି)*

x x x କେବଳ ଏତିକି ନୁହେଁ, ଭାରତୀୟ ଜାତୀୟତାବାଦୀ ନେତୃତ୍ୱ ସାମାଜିକ ଓ ସାଂସ୍କୃତିକ ବିପ୍ଳବ ସାଧନ ଜରିଆରେ ଜନସାଧାରଣଙ୍କୁ ଧର୍ମୀୟ ବନ୍ଧନରୁ ମୁକ୍ତ କରିବା ଏବଂ ସମାଜର ଗଣତାନ୍ତ୍ରିକରଣ କରିବା ଦିଗରେ କେବଳ ନିଶ୍ଚେଷ୍ଟ ରହିଥିଲେ ତାହା ନୁହେଁ, ଅନ୍ୟପକ୍ଷରେ ଏହି ନେତୃତ୍ୱ ଧର୍ମକୁ ଜାତୀୟତାବାଦୀ ଭାବାଦର୍ଶ ପ୍ରଚାରର ଏକ ମାଧ୍ୟମ ହିସାବରେ ଗ୍ରହଣ କରିଥିଲେ। ଏହି କାରଣରୁ ଭାରତୀୟ ଜାତୀୟତାବାଦ ମୂଳତଃ ଧର୍ମୀୟ ପ୍ରଭାବରେ ଆଚ୍ଛନ୍ନ ଥିଲା। ଏହି ଧର୍ମୀୟ ପ୍ରଭାବରେ ଆଚ୍ଛନ୍ନ ଜାତୀୟତାବାଦ (Religion Oriented Nationalism) ହିନ୍ଦୁ ଧର୍ମର ପୁନରୁତ୍‌ଥାନ (Hindu religious revivalism) ରୂପ ଗ୍ରହଣ କରିଥିଲା। ଏହି ହିନ୍ଦୁତ୍ୱବାଦୀ ପୁନରାଭ୍ୟୁଦୟବାଦୀ (Hindu revivalist) ଭାରତୀୟ ଜାତୀୟତାବାଦ ଅଣହିନ୍ଦୁ ଜନତା ଭିତରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଥିଲା, ପ୍ରଧାନତଃ, ତାହା ହିଁ ସେମାନଙ୍କୁ ବିଶେଷଭାବେ ମୁସଲମାନ ଜନସାଧାରଣଙ୍କୁ ଆମ ଦେଶର ଜାତୀୟ ମୁକ୍ତି ଆନ୍ଦୋଳନରୁ ଦୂରେଇ ରଖିବା ପାଇଁ ଦାୟୀ। ଅଧିକନ୍ତୁ, ଏହାଫଳରେ ବ୍ରିଟିଶ ସାମ୍ରାଜ୍ୟବାଦୀ ଶାସକ ମାନଙ୍କର ଓ ଜାତୀୟତାବାଦ ବିରୋଧୀ ତଥା ସାମ୍ରାଜ୍ୟବାଦର ଦଲାଲ ମୁସଲମାନ ନେତାମାନଙ୍କ ପକ୍ଷରେ ମୁସଲମାନ ଜନସାଧାରଣଙ୍କୁ ଏକଥା ବୁଝାଇବା ସହଜ ହୋଇଥିଲା ଯେ, କଂଗ୍ରେସ ନେତୃତ୍ୱରେ ଭାରତବର୍ଷ ବ୍ରିଟିଶ ଶାସନରୁ ମୁକ୍ତ ହେଲେ ହିନ୍ଦୁମାନଙ୍କ ସ୍ୱେଚ୍ଛାଚାରୀ ଶାସନ ପ୍ରତିଷ୍ଠା ହେବା ଛଡା ଆଉ କିଛି ମଙ୍ଗଳ ହେବ ନାହିଁ, ଯେଉଁଠି ମୁସଲମାନମାନଙ୍କ କୌଣସି ନିରାପତ୍ତା ବା ଧର୍ମ ବିଶ୍ୱାସର ସ୍ୱାଧୀନତା ରହିବ ନାହିଁ। *ଏପରି ଅବସ୍ଥାରେ ବିଭାଜନ ପୂର୍ବର ଭାରତବର୍ଷରେ ମୁସଲମାନମାନେ ଯେ ପୃଥକ ଜନ୍ମଭୂମି ଦାବି କରିଥିଲେ ସେଥିପାଇଁ ନିଜର ତ୍ରୁଟି ଦିଗକୁ ଲକ୍ଷ୍ୟ ନକରି ସେମାନଙ୍କ ମୁଣ୍ଡରେ ସବୁ ଦୋଷ ଲଦି ଦେବା କ'ଣ ଭୁଲ ହେବ ନାହିଁ? ଖାଲି ମୁସଲମାନ କାହିଁକି, ତଥାକଥିତ ନୀଚବର୍ଣ୍ଣ ହିନ୍ଦୁମାନଙ୍କ କ୍ଷେତ୍ରରେ କ'ଣ ହୋଇଛି? ସାମାଜିକ ଓ ସାଂସ୍କୃତିକ ବିପ୍ଳବ ସମ୍ପୂର୍ଣ୍ଣ ନହେବା ଫଳରେ ହିନ୍ଦୁ ସମାଜର ପଛରେ ପଡି ରହିଥିବା ଗୋଷ୍ଠୀର ଜନସାଧାରଣ କେବଳ ଧର୍ମୀୟ କୁସଂସ୍କାରରେ ଆବଦ୍ଧ ରହି ନାହାନ୍ତି, ଏହା ସହିତ ସେମାନଙ୍କୁ ତଥାକଥିତ ଉଚ୍ଚବର୍ଣ୍ଣର ହିନ୍ଦୁମାନଙ୍କ ସାମାଜିକ ଓ ସାଂସ୍କୃତିକ ପ୍ରଭୁତ୍ୱର ଅକଥନୀୟ ଅତ୍ୟାଚାର ମଧ୍ୟ ସହ୍ୟ କରିବାକୁ ପଡିଛି। ଏବଂ ଏ ଦିଗରୁ ଦେଖିଲେ ଭାରତୀୟ ଜାତୀୟତାବାଦ ଏପରିକି ହିନ୍ଦୁ ପୁନରୁତ୍‌ଥାନବାଦର ଉଦାର ଭାବନାକୁ ମଧ୍ୟ ପ୍ରକାଶ କରି ପାରିନାହିଁ। ଗାନ୍ଧିଜୀ ଓ ଅନ୍ୟାନ୍ୟ ମୁଷ୍ଟିମେୟ ନେତାଙ୍କ ଜାତିଗତ (caste) ବିଭେଦ ବିରୁଦ୍ଧରେ ଓ ସାମ୍ପ୍ରଦାୟିକ ଐକ୍ୟ ସପକ୍ଷରେ ନାନା ପ୍ରଚେଷ୍ଟା ସତ୍ତ୍ୱେ ବି ଏହି ଜାତୀୟତାବାଦୀ ଆନ୍ଦୋଳନ ବ୍ରାହ୍ମଣ, କ୍ଷତ୍ରିୟ, ପଶ୍ଚିମ ବଙ୍ଗରେ ବୈଦ୍ୟ, କାୟସ୍ଥ (ଓଡିଶାରେ କରଣ, ଖଣ୍ଡାୟତ ପ୍ରଭୃତି) ଏବଂ ଅନ୍ୟାନ୍ୟ ତଥାକଥିତ ଉଚ୍ଚବର୍ଣ୍ଣମାନଙ୍କର ଆଧିପତ୍ୟ ଭିତ୍ତିରେ ବ୍ରାହ୍ମଣବାଦର ପୁନରୁଜ୍ଜୀବନବାଦୀ ଆନ୍ଦୋଳନରୁ ବାସ୍ତବରେ କୌଣସି ଅବସ୍ଥାରେ ବି ଭିନ୍ନ ହୋଇ ପାରିନାହିଁ। ଏକଥା ଅବଶ୍ୟ ସତ ଯେ, ଏହି ହିନ୍ଦୁ ପୁନରୁତ୍‌ଥାନବାଦ, ଧର୍ମ ସମ୍ପର୍କରେ ତତ୍ତ୍ୱଗତ ଦିଗରୁ ଯେଉଁ ମନୋଭାବ ବ୍ୟକ୍ତ କରିଥିଲା, ତାହା ପୂର୍ବ ତୁଳନାରେ ସଂକୀର୍ଣ୍ଣ ଓ ଉଗ୍ର ମନୋଭାବ ପରିବର୍ତ୍ତେ ଅନ୍ୟାନ୍ୟ ଧର୍ମ ପ୍ରତି ଅଧିକତର ମାନବତାବାଦୀ ଓ ଉଦାର ଥିଲା। ମାତ୍ର ବର୍ତ୍ତମାନର ଆଲୋଚନାରେ ଏହାର କୌଣସି ଗୁରୁତ୍ୱ ନାହିଁ। ବିଷୟଟି ହେଲା, ବିଭିନ୍ନ ଧର୍ମୀୟ ବିଶ୍ୱାସକୁ ଗ୍ରହଣ କରିଥିବା ସମ୍ପ୍ରଦାୟଗୁଡ଼ିକର ସମ୍ମିଶ୍ରଣ କରାଇ ଏକ ଅବିଭକ୍ତ ଜାତିରେ ପରିଣତ କରିବା ପାଇଁ ଜାତୀୟ ମୁକ୍ତି ଆନ୍ଦୋଳନର ନେତୃତ୍ୱ, ଯେଉଁଠି ଧର୍ମ ଓ ସମସ୍ତ ପ୍ରକାର ସାମାଜିକ କୁସଂସ୍କାର ଉର୍ଦ୍ଧ୍ୱକୁ ଉଠି ଜାତୀୟତାବାଦ ଓ ମାନବତାବାଦର ନୂତନ ମୂଲ୍ୟବୋଧର ଭିତ୍ତିରେ ଜନସାଧାରଣଙ୍କୁ ସଂଗଠିତ କରିବା ଏକାନ୍ତ ଅପରିହାର୍ଯ୍ୟ ଥିଲା, ସେଠି ଭାରତର ଜାତୀୟ ନେତୃତ୍ୱ ହିନ୍ଦୁଧର୍ମର ସହନଶୀଳତା ଓ ଉଦାରତା ଭିତ୍ତିରେ ସେମାନଙ୍କୁ ଏକତ୍ରିତ କରାଇ ଏକ ଜାତି ଗଠନରେ ପ୍ରୟାସୀ ହୋଇଥିଲେ। ଏକମାତ୍ର ଏହି କାରଣରୁ ସମୟ ଅନୁପଯୋଗୀ ମଧ୍ୟଯୁଗୀୟ ଇସଲାମୀୟ ରୀତିନୀତି ଓ ଆଚାର ଆଚରଣକୁ ପୁନରୁଜ୍ଜୀବିତ କରିବା ପାଇଁ ଉଦ୍ଦିଷ୍ଟ, ଯେଉଁ 'ଖିଲାଫତ୍' ଆନ୍ଦୋଳନକୁ କି ଗଣତାନ୍ତ୍ରିକ ତୁରସ୍କ ଗଠନର ପ୍ରୟୋଜନରେ କାମାଲ ପାସାଙ୍କ ନେତୃତ୍ୱରେ ତୁରସ୍କ ଜାତି ଦୃଢଭାବରେ ବର୍ଜନ କରିଥିଲା, ସେହି 'ଖିଲାଫତ୍'ର ଦାବିଟିକୁ ଜାତୀୟ ଆନ୍ଦୋଳନର କର୍ମସୂଚୀ ଭିତରେ ଅନ୍ତର୍ଭୁକ୍ତ କରିବା ବ୍ୟତୀତ ଭାରତୀୟ ଜାତୀୟ ନେତୃତ୍ୱ ମୁସଲମାନ ଜନସାଧାରଣଙ୍କ ଆସ୍ଥା ଅର୍ଜନ କରିବାର ଆଉ କୌଣସି ଭିନ୍ନ ପନ୍ଥା ବାହାର କରିପାରି ନାହାନ୍ତି। ହିନ୍ଦୁ ଧର୍ମର ସହନଶୀଳତା ଓ ଉଦାରତାର ଭିତ୍ତିରେ ଜାତୀୟ ବୁର୍ଜୁଆ ନେତୃତ୍ୱ ଦ୍ୱାରା ମୁସଲମାନ ଜନସାଧାରଣଙ୍କୁ ଭାରତୀୟ ଜାତି ମଧ୍ୟରେ ସଂହତ କରିବାର ସମସ୍ତ ପ୍ରଚେଷ୍ଟା କିମ୍ବା ଇସ୍‌ଲାମ୍ ଧର୍ମୀୟ ପ୍ରଥାଗୁଡ଼ିକୁ ରକ୍ଷା କ୍ଷେତ୍ରରେ ସାହାଯ୍ୟ ପ୍ରଦାନ, ଯାହାକି ଗଣତାନ୍ତ୍ରିକ ସମାଜ ଗଠନର ନୀତି ସହିତ ଅସଙ୍ଗତିପୂର୍ଣ୍ଣ- ଏ ସମସ୍ତ କାର୍ଯ୍ୟକଳାପ ମୁସଲମାନ ଜନସାଧାରଣ ଓ ଜାତୀୟ ମୁକ୍ତି ଆନ୍ଦୋଳନ ମଧ୍ୟରେ ଥିବା ବିଭେଦକୁ ବଢାଇବାରେ ହିଁ କେବଳ ସାହାଯ୍ୟ କରିଥିଲା। ଏହି ପରିଣତି ଅବଶ୍ୟମ୍ଭାବୀ ଥିଲା, କାରଣ ଧର୍ମୀୟ ରୀତିନୀତିକୁ ରକ୍ଷା କରିବା ପାଇଁ ଚେଷ୍ଟା କରି ବିଭିନ୍ନ ଧର୍ମ, ଭାଷା, ବର୍ଣ୍ଣ, ଜାତିର ଜନସାଧାରଣଙ୍କୁ ଯଥାର୍ଥଭାବେ ସମନ୍ୱିତ କରିବା ମାଧ୍ୟମରେ ଏକ ଅଖଣ୍ଡ ଜାତି ଗଠନକୁ ବାସ୍ତବ ରୂପଦେବା କେବେହେଲେ ସମ୍ଭବ ନୁହେଁ। କାରଣ ଏହି ସମସ୍ତ ପ୍ରଚେଷ୍ଟା ସଂହତିର ପଥକୁ ବିଘ୍ନିତ କରେ। ସାମାଜିକ ଓ ସାଂସ୍କୃତିକ ବିପ୍ଳବକୁ ସମ୍ପୂର୍ଣ୍ଣ କରିବା ପଥରେ ସମାଜର ଗଣତାନ୍ତ୍ରିକରଣ କରି ମଣିଷର ସାମାଜିକ କ୍ରିୟାକଳାପ କ୍ଷେତ୍ରରୁ ଧର୍ମକୁ ପୁରାପୁରି ଶକ୍ତିହୀନ କରିବା ଦ୍ୱାରା ହିଁ ବିଭିନ୍ନ ସମ୍ପ୍ରଦାୟକୁ ଯଥାର୍ଥଭାବେ ସଂହତ କରାଇ ଜାତି ଗଠନ କରିବା ସମ୍ଭବ। ଜାତୀୟ ବୁର୍ଜୁଆ ନେତୃତ୍ୱ ବା ଯେଉଁ ଶକ୍ତିମାନେ ଜାତୀୟ ବୁର୍ଜୁଆ ନେତୃତ୍ୱର ବିକଳ୍ପ ନେତୃତ୍ୱ ଗଠନର ଆବଶ୍ୟକତା କଥା କହୁଥିଲେ- ସେମାନେ କେହି ହେଲେ ଭାରତୀୟ ଜାତି ଗଠନର ଏହି ସମସ୍ତ ଅପରିହାର୍ଯ୍ୟ କାର୍ଯ୍ୟଗୁଡ଼ିକ ସମ୍ପାଦନ କରି ନଥିଲେ।

ସୁତରାଂ ସମସ୍ତ ସମ୍ପ୍ରଦାୟକୁ ଏକତ୍ରିତ କରି ଗୋଟିଏ ଜାତି ଗଠନ କରିବା ସମ୍ଭବ ହୋଇ ନ ଥିଲା। ନେତାମାନଙ୍କର ଆନ୍ତରିକତାର ଅଭାବ ଯୋଗୁ ଏହା ହୋଇ ନାହିଁ, ତାହା ନୁହେଁ। ମୋର ବକ୍ତବ୍ୟ ହେଲା, ଦୃଷ୍ଟିଭଙ୍ଗୀର ଅସ୍ୱଚ୍ଛତା ଓ ତ୍ରୁଟିପୂର୍ଣ୍ଣ ପଦ୍ଧତି ଅବଲମ୍ବନ ଯୋଗୁଁ ବିଭିନ୍ନ ସମ୍ପ୍ରଦାୟକୁ ବିଶେଷତଃ ମୁସଲମାନ ଜନସାଧାରଣଙ୍କୁ ଆନ୍ଦୋଳନ ସହିତ ସାମିଲ କରି ଗୋଟିଏ ଜାତି ଗଠନର ପ୍ରୟାସ ବ୍ୟର୍ଥତାରେ ପର୍ଯ୍ୟବସିତ ହୋଇଥିଲା। ଅତୀତର ଘଟଣାବଳୀ ମୁଁ ଏଠାରେ ଉଲ୍ଲେଖ କରୁଛି- ଇତିହାସରୁ ଶିକ୍ଷା ଗ୍ରହଣ ପାଇଁ। ସାମାଜିକ ସାଂସ୍କୃତିକ ବିପ୍ଳବର କର୍ମସୂଚୀ ସଫଳ କରିବା ପାଇଁ ବୁର୍ଜୁଆ ନେତୃତ୍ୱ ଧର୍ମୀୟ ସଂସ୍କାରର ଉର୍ଦ୍ଧ୍ୱକୁ ଉଠିବା ଉଚିତ୍ ଥିଲା; କିନ୍ତୁ ସାମ୍ରାଜ୍ୟବାଦ ଓ ସାମନ୍ତତନ୍ତ୍ର ବିରୁଦ୍ଧରେ ସଂସ୍କାରପନ୍ଥୀ ବିରୁଦ୍ଧବାଦୀ ଭୂମିକା ଗ୍ରହଣ କରିବା ଫଳରେ ସେମାନଙ୍କ ଦ୍ୱାରା ଏହା ସମ୍ଭବ ହୋଇ ନାହିଁ। ଆଭ୍ୟନ୍ତରୀଣ କ୍ଷେତ୍ରରେ ଏହି ଦୁର୍ବଳତା, ଅପରଦିଗରେ ବର୍ହି କ୍ଷେତ୍ରରେ ଭାରତୀୟ ଜନସାଧାରଣଙ୍କୁ ଗୋଟିଏ ଜାତିରେ ଐକ୍ୟବଦ୍ଧ କରିବା ପ୍ରୟୋଜନର ସମ୍ମୁଖୀନ ହୋଇ ଏହି ନେତୃତ୍ୱ ହିନ୍ଦୁ ଧର୍ମର ଉଦାରତା ଏବଂ ସହନଶୀଳତାକୁ ଭିତ୍ତିକରି ବିଭିନ୍ନ ଧର୍ମାବଲମ୍ବୀ ସମ୍ପ୍ରଦାୟଭୁକ୍ତ ଜନସାଧାରଣଙ୍କୁ ଐକ୍ୟବଦ୍ଧ କରି ଗୋଟିଏ ଜାତି ଗଠନର ଚେଷ୍ଟା କରିଥିଲା। ଏପରିକି ଜାତୀୟ ନେତୃତ୍ୱ କ୍ଷମତାଲାଭ ପୂର୍ବରୁ ଏ ସଂକ୍ରାନ୍ତରେ ଯେଉଁ ଭୁଲ ପଦ୍ଧତି ଗ୍ରହଣ କରିଥିଲେ, କ୍ଷମତାଲାଭ ପରେ ମଧ୍ୟ ସେମାନେ ତାହା ସଂଶୋଧନ କରି ନ ଥିଲେ।

ବରଂ ଆମ ଦେଶର ବର୍ତ୍ତମାନର ଶାସକବୃନ୍ଦ ସାମାଜିକ ସାଂସ୍କୃତିକ ବିପ୍ଳବର ଅସମ୍ପୂର୍ଣ୍ଣ କର୍ମସୂଚୀଗୁଡ଼ିକ ସମ୍ପାଦନ କରିବା ପରିବର୍ତ୍ତେ ଧର୍ମ ନିରପେକ୍ଷତା ନାଁରେ ସବୁ ପ୍ରକାର ଧର୍ମୀୟ ରୀତି ନୀତି, ଆଚାର ବ୍ୟବହାର ଏବଂ କୁସଂସ୍କାରଗୁଡ଼ିକୁ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ପ୍ରୋତ୍ସାହନ ଯୋଗାଉଛନ୍ତି। ସମାଜ ବିରୋଧୀ ଶକ୍ତି ଓ ମାନସିକତା ବୃଦ୍ଧି ପାଇବା କ୍ଷେତ୍ରରେ କାର୍ଯ୍ୟତଃ ସାହାଯ୍ୟ କରୁଛନ୍ତି। ଏବଂ ଏହାର ଅବଶ୍ୟମ୍ଭାବୀ ପରିଣତିରେ ଆମେ ଦେଖିବାକୁ ପାଉଛୁ ଯେ, ପୂଜାର୍ଚ୍ଚନା ଓ ଧର୍ମୀୟ ଆଚାର, ଅନୁଷ୍ଠାନର ବ୍ୟାପକତା ପ୍ରାକ୍ ସ୍ୱାଧୀନତା ଯୁଗ ତୁଳନାରେ ବହୁଗୁଣ ବୃଦ୍ଧି ପାଇଛି। ସେମାନେ ଧର୍ମ ନିରପେକ୍ଷତାର ନୀତିକୁ ବାସ୍ତବରେ ସମସ୍ତ ଧର୍ମର ବିକାଶ ପାଇଁ ସମାନ ଉତ୍ସାହ ପ୍ରଦାନ ଏବଂ ସମସ୍ତ ଧର୍ମାବଲମ୍ବୀ ଲୋକମାନଙ୍କର ଧର୍ମ ପ୍ରଚାର ଓ ଧର୍ମ ଅନୁଷ୍ଠାନରେ ରାଷ୍ଟ୍ର ଦ୍ୱାରା ସମାନ ସୁଯୋଗ ପ୍ରଦାନର ନୀତିରେ ପର୍ଯ୍ୟବସିତ କରିଛନ୍ତି।

ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ, ଏହି ପରିସ୍ଥିତିରେ ହିନ୍ଦୀ- ହିନ୍ଦୁ-ହିନ୍ଦୁସ୍ଥାନର ଦାବି ବାସ୍ତବରେ ଦୃଢ ଭିତ୍ତି ପାଉଛି। ଏହା ବୁଝିବା ଉଚିତ ଯେ, ଯଥାର୍ଥ ଧର୍ମନିରପେକ୍ଷତା କହିଲେ କୌଣସି ବ୍ୟକ୍ତିର ଧର୍ମ ବିଶ୍ୱାସ, ଆଚାର ବ୍ୟବହାର ପାଳନ ଓ ଧର୍ମୀୟ ପ୍ରଚାରକୁ ଉତ୍ସାହ ପ୍ରଦାନ କରିବା ବୁଝାଏ ନାହିଁ। ଅଥବା ଏହାଦ୍ୱାରା ଜନସାଧାରଣଙ୍କ ଉପରେ ଧର୍ମୀୟ ପ୍ରଭାବ ବିସ୍ତାର ପାଇଁ ରାଷ୍ଟ୍ର ଦ୍ୱାରା ସମସ୍ତ ଧର୍ମର ପୃଷ୍ଠପୋଷକତାକୁ ମଧ୍ୟ ବୁଝାଏ ନାହିଁ। ଏବଂ ଏହି ଧର୍ମନିରପେକ୍ଷତା ଦ୍ୱାରା କୌଣସି ଏକ ବିଶେଷ ଧର୍ମରେ ବିଶ୍ୱାସୀ ସମ୍ପ୍ରଦାୟଭୁକ୍ତ ଜନସାଧାରଣଙ୍କୁ କେବଳମାତ୍ର ଧର୍ମ ଭିତ୍ତିରେ ବିଶେଷ ସୁଯୋଗସୁବିଧା ପ୍ରଦାନ କରିବା କୌଣସି ଭାବରେ ମଧ୍ୟ ବୁଝାଏ ନାହିଁ। ଗୋଟିଏ ଯଥାର୍ଥ ଧର୍ମନିରପେକ୍ଷ ରାଷ୍ଟ୍ର ଧର୍ମକୁ ନାଗରିକମାନଙ୍କର ଏକାନ୍ତ ବ୍ୟକ୍ତିଗତ ବିଷୟ ହିସାବରେ ବିବେଚନା କରେ। ସୁତରାଂ ଏହି ରାଷ୍ଟ୍ର ବ୍ୟକ୍ତିର ଧର୍ମ ବିଶ୍ୱାସ, ରୀତିନୀତି ଓ ଧର୍ମୀୟ ପ୍ରଚାରକୁ ଯେଭଳି କୌଣସି ପ୍ରକାର ଉତ୍ସାହ ପ୍ରଦାନ କରି ନଥାଏ, ସେହିଭଳି ପ୍ରତିବନ୍ଧକତା ମଧ୍ୟ ସୃଷ୍ଟି କରେନାହିଁ। ଅପରପକ୍ଷରେ ଯେକୌଣସି ଧର୍ମବିଶ୍ୱାସୀ ଜନସାଧାରଣ ଏବଂ କୌଣସି ଧର୍ମରେ ବିଶ୍ୱାସ କରୁ ନ ଥିବା ଜନସାଧାରଣ ଉଭୟଙ୍କର ସମାନ ଅଧିକାରର ନୀତିକୁ ରାଷ୍ଟ୍ର କାର୍ଯ୍ୟତଃ ସ୍ୱୀକାର କରେ। ସାମାଜିକ ସାଂସ୍କୃତିକ ବିପ୍ଳବର କର୍ମସୂଚୀକୁ ସଫଳ କରିବା ମଧ୍ୟଦେଇ ଏହି ରାଷ୍ଟ୍ର ସମାଜର ଗଣତାନ୍ତ୍ରିକରଣ କରେ ଏବଂ ବ୍ୟକ୍ତିର ସାମାଜିକ କ୍ରିୟାକଳାପ ଓ ରାଷ୍ଟ୍ର ଉପରୁ ଧର୍ମର ପ୍ରଭାବକୁ ସମ୍ପୂର୍ଣ୍ଣରୂପେ ବିଲୁପ୍ତ କରେ। ଆମ ଦେଶର ବର୍ତ୍ତମାନର ବୁର୍ଜୁଆ ଶାସକଶ୍ରେଣୀର ହିନ୍ଦୁ ପୁନରୁତ୍‌ଥାନବାଦୀ ମନୋଭାବ ଫଳରେ ଆଜି ମଧ୍ୟ ଭାରତୀୟ ଜନସାଧାରଣ ଭାଷା, ଧର୍ମ, ବର୍ଣ୍ଣ ଓ ଉପଜାତୀୟ ମନୋଭାବ ଭିତ୍ତିରେ ବିଚ୍ଛିନ୍ନ କେତେଗୁଡ଼ିଏ ଭିନ୍ନ ଭିନ୍ନ ସାମାଜିକ ସାଂସ୍କୃତିକ ମନୋଭାବାପନ୍ନ ସମ୍ପ୍ରଦାୟର ସମଷ୍ଟି ମାତ୍ର। ଆଜି ଯେତେବେଳେ ପାଶ୍ଚାତ୍ୟ ଆଧୁନିକ ଜାତି ସମୂହ- ସାମନ୍ତତନ୍ତ୍ର, ସାମନ୍ତତାନ୍ତ୍ରିକ ବିଭେଦମୂଳକ ଆଚାର ଆଚରଣ, ରୀତିନୀତି ଏବଂ ରାଷ୍ଟ୍ର ଓ ସାମାଜିକ ଆଚାର, ରୀତିନୀତି ଉପରେ 'ଚର୍ଚ୍ଚ'ର ପ୍ରଭାବ ଆଦି ବିରୁଦ୍ଧରେ ସଫଳ ସାମାଜିକ-ସାଂସ୍କୃତିକ ବିପ୍ଳବ ପରିଚାଳନା ମାଧ୍ୟମରେ ସମାଜର ଗଣତାନ୍ତ୍ରିକରଣ ଘଟାଇ ଜାତି ହିସାବରେ ଗଢି ଉଠି ସୁଦ୍ଧା ଧର୍ମୀୟ ଉନ୍ମାଦନା, ବର୍ଣ୍ଣ ବିଦ୍ୱେଷ ଏବଂ ବର୍ଣ୍ଣବିଦ୍ୱେଷ ପ୍ରସୂତ ଦଙ୍ଗା (ଆମେରିକାରେ ନିଗ୍ରୋମାନଙ୍କ ଉପରେ ଅକଥ୍ୟ ଅତ୍ୟାଚାର ଓ ଗ୍ରେଟ୍ ବ୍ରିଟେନ୍‌ର ବର୍ଣ୍ଣଭିତ୍ତିକ ଦଙ୍ଗା ଉଲ୍ଲେଖ ଯୋଗ୍ୟ) ପ୍ରଭୃତିରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ପାରି ନାହାନ୍ତି- ସେତେବେଳେ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର, ସବର୍ଣ୍ଣ ହିନ୍ଦୁ, ତଫସିଲଭୁକ୍ତ ଜାତି, ହିନ୍ଦୁ, ମୁସଲମାନ, ଶିଖ, ଜୈନ, ଖ୍ରୀଷ୍ଟିୟାନ, ଅସମୀୟା, ବଙ୍ଗାଳୀ, ଓଡିଆ, ତାମିଲ ପ୍ରଭୃତି ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଭାଷାଗତ ଦିଗରୁ ବିଭକ୍ତ, ଭାରତବର୍ଷରେ ସାମ୍ପ୍ରଦାୟିକତାର ବୀଜ କେତେ ଗଭୀରରେ ନିହିତ ତାହା ସହଜରେ ଅନୁମେୟ। ସୁତରାଂ, ସାମାଜିକ ଓ ସାଂସ୍କୃତିକ ବିପ୍ଳବ ସମ୍ପୂର୍ଣ୍ଣ କରି ସମାଜର ଗଣତାନ୍ତ୍ରିକରଣ ଘଟାଇବା ମଧ୍ୟରେ ହିଁ ନିହିତ ରହିଛି-ଆମ ଦେଶର ସାମ୍ପ୍ରଦାୟିକ ସମସ୍ୟାର ଏକମାତ୍ର ସଠିକ ସମାଧାନ ପଦ୍ଧତି। xxx

★★★

** ଏଠାରେ ଉଲ୍ଲେଖନୀୟ ଯେ, ତତ୍କାଳୀନ ଅବିଭକ୍ତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, 'ଜାତୀୟ ଆତ୍ମ ନିୟନ୍ତ୍ରଣ' ତତ୍ତ୍ୱକୁ ସଠିକଭାବେ ଅନୁଧାବନ ନକରିବା ଫଳରେ ମୁସଲମାନମାନଙ୍କୁ ଏକ ସ୍ୱତନ୍ତ୍ର ଜାତି ରୂପେ ବିଚାର କଲା ଏବଂ ମୁସଲିମ୍ ଲିଗ୍‌ର ସ୍ୱତନ୍ତ୍ର ପାକିସ୍ଥାନ ଦାବିକୁ ସମର୍ଥନ କଲା। ଏହି ଦାବି ଉପରେ ଏକ ପ୍ରସ୍ତାବ ଆଗତ କରିଥିଲେ ତତ୍କାଳୀନ ସି.ପି.ଆଇ ତଥା ପରବର୍ତ୍ତୀ ସି.ପି.ଏମ୍‌ର ତୁଙ୍ଗ ନେତା ବି.ଟି ରଣଦିଭେ। (ପ୍ରକାଶକ)*

## ରୁମାନିଆଠାରେ . . .

*(୩ୟ ପୃଷ୍ଠାର ଅବଶିଷ୍ଟାଂଶ)*

ଦ୍ୱାରା, ତେବେ ଖାଦ୍ୟ ସରବରାହ ସହିତ ଆହୁରି କେତେକ ପ୍ରାକୃତିକ ବିଷୟ ଏ କ୍ଷେତ୍ରରେ ଭୂମିକା ପାଳନ କରେ। ସଂକ୍ଷେପରେ କହିଲେ ଗୋଟିଏ ଭୃଣ ଘୋଡା ହେବ କି ମାଛ, ତାହା ନିର୍ଦ୍ଧାରିତ ହୁଏ ସେହି ପ୍ରଣୀର ଶାରୀରିକ ଗଠନ ସଂକ୍ରାନ୍ତ ତଥ୍ୟ ଦ୍ୱାରା ଯାହା କି ଏକାବେଳକେ ପ୍ରଥମରୁ ହିଁ କୋଷ ମଧ୍ୟରେ ଅନ୍ତର୍ଭୁକ୍ତ ଥାଏ। ଏହି ତଥ୍ୟ ଏକ ବିଶେଷ ଅଣୁ ମଧ୍ୟରେ ଥାଏ, ଯାହାକୁ ଡିଏନ୍‌ଏ କୁହାଯାଏ, ଯାହା ପ୍ରତ୍ୟେକ କୋଷର ନିଉକ୍ଲିଅସ୍‌ର ଅଂଶ ବିଶେଷ। ଏହି ଡିଏନ୍‌ଏର ତଥ୍ୟ ବହନକାରି ବିଭିନ୍ନ ମୌଳିକ ଅଂଶକୁ ହିଁ ଜିନ୍ କୁହାଯାଏ। ଏହି ତଥ୍ୟର ଉତ୍ସ ହେଉଛି ମାଆ ଓ ବାପାଙ୍କ କୋଷର ଡିଏନ୍‌ଏ ଅଣୁ।

ଗୋଟିଏ ବିଶେଷ ପ୍ରଜାତି ଅନ୍ତର୍ଭୁକ୍ତ ପ୍ରତ୍ୟେକ ଜୀବର ଡିଏନ୍‌ଏ ଅବିକଳ ଏକା ଭଳି ହୁଏ ନାହିଁ। ଏହା ମଧ୍ୟରେ ମୂଳତଃ ଏକ ସାଦୃଶ୍ୟ ଥାଏ- ଯେଭଳି ଦୁଇଟି କୁଆ କିମ୍ବା ଦୁଇଟି ଗଧର କେତେକ ସାଧାରଣ ବୈଶିଷ୍ଟ୍ୟ ଥାଏ ଯାହାଦ୍ୱାରା ସେମାନଙ୍କୁ ଅଲଗା ଭାବେ କୁଆ ଓ ଗଧ ବୋଲି ଚିହ୍ନି ହୁଏ। ତେବେ ଦୁଇଟି ଗଧ ବା ସେହି ଅର୍ଥରେ ଯେକୌଣସି ଗୋଟିଏ ପ୍ରଜାତି ଭୁକ୍ତ ଦୁଇଟି ଭିନ୍ନ ପ୍ରାଣୀଙ୍କ ଡିଏନ୍‌ଏ କ୍ଷେତ୍ରରେ କେତେକ ସୂକ୍ଷ୍ମ ଫରକ ମଧ୍ୟ ରହିଥାଏ ଯାହା ଆଧୁନିକ ଯନ୍ତ୍ରରେ ଧରା ପଡେ। ଏହି ସୂକ୍ଷ୍ମ ଫରକ ଗୁଡିକରୁହିଁ ସମପ୍ରଜାତିର ଗୋଟିଏ ଜୀବରୁ ଅନ୍ୟ ଜୀବର ଶରୀର ଗଠନରେ ବିଭେଦ ଗୁଡିକ ସୃଷ୍ଟି ହୁଏ, ଯାହାକୁ ଡାରଉଇନ ପ୍ରକରଣ(Variation) ବୋଲି କହିଥିଲେ। ନୂତନ ପ୍ରକରଣ ସୃଷ୍ଟି ହୁଏ ଯେତେବେଳେ ପ୍ରଜନନ କୋଷରେ ଡିଏନ୍‌ଏ କପି କରିବାବେଳେ କିଛି ଅସଙ୍ଗତି ଘଟେ। ଏହାକୁ ମୁଉଟେସନ (Mutation) କୁହାଯାଏ। ଏହି ମୁଉଟେସନ ପ୍ରକ୍ରିୟା ଜୀବ ଜଗତରେ ପ୍ରତିନିୟତ ଘଟି ଚାଲିଥାଏ ।

ଗୋଟିଏ ପ୍ରଜାତିର ପ୍ରତ୍ୟେକ ପ୍ରାଣୀ ପ୍ରତି ମୁହୂର୍ତ୍ତରେ ତାର ପରିବେଶ ସହିତ ଦ୍ୱନ୍ଦରେ ଲିପ୍ତ ରହିଥାଏ ଏବଂ ସେମାନଙ୍କର ଜେନେଟିକ୍ କୋଡ୍‌ର ସୂକ୍ଷ୍ମ ବିଭେଦ କାରଣରୁ ସେମାନଙ୍କର ପରିବେଶ ସହିତ ଖାପ ଖାଇବା କିମ୍ବା ଅଭିଯୋଜନର କ୍ଷମତା ଏକା ଭଳି ହୁଏ ନାହିଁ । ସେଥିପାଇଁ ଗୋଟିଏ ପ୍ରଜାତିର ସମସ୍ତ ପ୍ରାଣୀଙ୍କର ବଂଚିରହିବାର ସମ୍ଭାବନା ମଧ୍ୟ ସମାନ ନୁହେଁ। ଯେଉଁମାନେ ବଂଚି ରହି ପରବର୍ତ୍ତୀ ପ୍ରଜନ୍ମର ଜନ୍ମ ଦେଇ ପାରନ୍ତି, ସେମାନଙ୍କର ଜେନେଟିକ୍ କୋଡ୍ ପରବର୍ତ୍ତୀ ପ୍ରଜନ୍ମକୁ ସଂଚାରିତ ହୁଏ। ଏହିଭଳି ଭାବେ ପ୍ରାକୃତିକ ନିର୍ବାଚନ ପ୍ରକ୍ରିୟାରେ କେତେକ ଜିନ୍ ପ୍ରାଧାନ୍ୟ ପାଇଥାଏ ଏବଂ କେତେକ ଜିନ୍ ଯେଉଁଗୁଡିକ ଜୀବର ବଂଚି ରହିବା କ୍ଷେତ୍ରରେ ପ୍ରତିକୂଳ, ସେଗୁଡିକ ବାଦ ପଡିଯାଏ। ଏହି ପ୍ରକ୍ରିୟା କାରଣରୁ ପ୍ରଜାତିଟି ମଧ୍ୟରେ ପରିମାଣଗତ ପରିବର୍ତ୍ତନ ଘଟୁଥାଏ। ଆଧୁନିକ ଭାଷାରେ କହିଲେ, ପ୍ରତିଯୋଗୀ ଜିନ୍ ଗୁଡିକର ଅନୁପାତ ସମୟ ସହିତ ପରିବର୍ତ୍ତୀତ ହେଉଥାଏ।

ଯେତେବେଳେ ମୁଉଟେସନ୍ ମଧ୍ୟ ଦେଇ ଏଭଳି ଏକ ନୂତନ ଜିନ୍‌ର ଉଦ୍ଭବ ଘଟେ, ଯାହା ତାହାକୁ ଧାରଣ କରିଥିବା ଧାରକ ଜୀବଟିର ଶାରିରୀକ ଗଠନ ବା ଆଚରଣରେ ବିରାଟ ପରିବର୍ତ୍ତନ ଆଣେ, ସେତେବେଳେ ପ୍ରଜାତିଟି ମଧ୍ୟରେ ଗୁଣଗତ ପରିବର୍ତ୍ତନର ପ୍ରକ୍ରିୟା ଆରମ୍ଭ ହୁଏ। ମିଉଟେସନ୍ ପ୍ରଥମେ ଏକ ବିଶେଷ ଜୀବ ମଧ୍ୟରେ ଦେଖାଯାଏ। ଯଦି ଏହି ମିଉଟେସନ ଫଳରେ ସେହି ପ୍ରାଣୀଟିର ଜୀବନ ଧାରଣ କ୍ଷେତ୍ରରେ ସୁବିଧା ହୁଏ ତାହେଲେ ସେହି ବିଶେଷ ଜୀବଟି ପୂର୍ଣ୍ଣ ବୟସ୍କ ହୋଇ ସେହି ପରିବର୍ତ୍ତିତ ଜିନ୍‌ଟି ତାର ପରବର୍ତ୍ତୀ ପ୍ରଜନ୍ମକୁ ପ୍ରଦାନ କରେ। ଯଦି ସେହି ପ୍ରଜାତିର ସେହି ସବୁ ପ୍ରାଣୀ ଯେଉଁମାନଙ୍କ ମଧ୍ୟରେ ଉପରୋକ୍ତ ମିଉଟେସନ୍‌ଟି ରହିଛି ସେମାନଙ୍କର ବଂଚି ରହିବାର ସମ୍ଭାବନା ବୃଦ୍ଧି ପାଏ, ତାହେଲେ ସମଗ୍ର ପ୍ରଜାତି ମଧ୍ୟରେ ସେହି ମିଉଟେସନ୍ ଦ୍ରୁତ ଗତିରେ ବିସ୍ତାରିତ ହୁଏ। କେତେକ ପ୍ରଜନ୍ମ ମଧ୍ୟରେ ସେହି ପ୍ରଜାତିଟିର ପ୍ରାୟ ସମସ୍ତ ସଦସ୍ୟମାନଙ୍କ ମଧ୍ୟରେ ସେହି ମିଉଟେସନ୍ ଦେଖାଯାଏ। ସେତେବେଳେ ପ୍ରଜାତିଟିକୁ ସାମଗ୍ରିକ ଭାବେ ଦେଖିଲେ ବୁଝାଯିବ ଯେ ତା ମଧ୍ୟରେ ଗୁଣଗତ ପରିବର୍ତ୍ତନ ଘଟିଛି ଏବଂ ନୂତନ ଚାରିତ୍ରିକ ବୈଶିଷ୍ଟ୍ୟର ଉଦ୍ଭବ ଘଟିଛି। ଏହିଭଳି ଭାବରେହିଁ ବିଭିନ୍ନ ଜିନ୍‌ର ଅନୁପାତରେ ପରିମାଣଗତ ପରିବର୍ତ୍ତନ ସାମଗ୍ରିକ ପ୍ରଜାତିର ଗୁଣଗତ ପରିବର୍ତ୍ତନ ଘଟାଏ।

ମାତ୍ର, ଯଦି ସେହି ପ୍ରଜାତିର ପ୍ରତ୍ୟେକ ଜୀବକୁ ତନ୍ନତନ୍ନ କରି ଦେଖୁ, ତା'ହେଲେ ଆମେ ଦେଖିବୁ ଯେ କେତେକ ଜୀବ ଅନ୍ୟମାନଙ୍କ ପୂର୍ବରୁହିଁ ଗୁଣଗତଭାବେ ପରିବର୍ତ୍ତିତ ହୋଇଛନ୍ତି, ପ୍ରଜାତିଟିର ସାମଗ୍ରିକ ପ୍ରଜାତିଗତ ପରିବର୍ତ୍ତନର ବହୁ ପୂର୍ବରୁ । ନୂତନ ଜିନ୍‌ର ଉତ୍ତରାଧିକାର ଦ୍ୱାରା ସେହି ସବୁ ଜୀବ ମଧ୍ୟରେ ଯେଉଁ ଗୁଣଗତ ପରିବର୍ତ୍ତନ ଘଟିଛି ସେଥିରୁ ହିଁ ସାମଗ୍ରିକ ପ୍ରଜାତି ମଧ୍ୟରେ ଏକ ପରିମାଣଗତ ପରିବର୍ତ୍ତନ ସୂଚିତ ହୁଏ। ଏହିଭଳି ଭାବେ 'ଗୁଣଗତ ପରିବର୍ତ୍ତନରୁ ପରିମାଣଗତ ପରିବର୍ତ୍ତନ' ତତ୍ତ୍ୱଟି ବାସ୍ତବରେ କ୍ରିୟା କରେ ।

ବିବର୍ତ୍ତନ ପ୍ରକ୍ରିୟାର ଆଧୁନିକ ଧାରଣା ସ୍ପଷ୍ଟ ପ୍ରମାଣ କରିଛି ଯେ ସମ୍ଭାବ୍ୟବାଦ ଓ କାର୍ଯ୍ୟ କାରଣ ସମ୍ପର୍କ ମଧ୍ୟରେ କୌଣସି ବିରୋଧ ନାହିଁ। ଏହି ବିଷୟରେ ସ୍ପଷ୍ଟ ଧାରଣା ନଥିବା କାରଣରୁ କେତେକ କମ୍ୟୁନିଷ୍ଟ ଜିନ୍‌ତତ୍ତ୍ୱ ପ୍ରାଥମିକ ପ୍ରତିଷ୍ଠା ହେବା ପରବର୍ତ୍ତୀ ପ୍ରାଥମିକ ପର୍ଯ୍ୟାୟରେ ଏହାର ବିରୋଧୀତା କରିଥିଲେ ବର୍ତ୍ତମାନ ଆମେ ବୁଝୁଛୁ ଯେ ଯଦିଓ Random (ଲକ୍ଷ୍ୟହୀନ) ମିଉଟେସନ୍ ଦ୍ୱାରା କ୍ରମାଗତ ନୂତନ ବୈଚିତ୍ର୍ୟର ଆବିର୍ଭାବ ଘଟେ, ଏହି ବୈଚିତ୍ର ଗୁଡିକ ବଂଚି ରହିବ କି ନାହିଁ ଏବଂ ପ୍ରଜାତିଟିର କ୍ରମବିକାଶ ଓ ବିବର୍ତ୍ତନ ଉପରେ ପ୍ରଭାବ ବିସ୍ତାର କରିବ କି ନାହିଁ ଏସବୁ କିଛି ହିଁ କାର୍ଯ୍ୟକାରଣ ସଂପର୍କରେ ନିୟମ ଦ୍ୱାରା ନିୟନ୍ତ୍ରିତ, କାରଣ ପ୍ରାକୃତିକ ନିର୍ବାଚନ(ନ୍ୟାଚୁରାଲ ସିଲେକ୍‌ସନ) ପ୍ରତ୍ୟେକଟି ବିଶେଷ ବୈଚିତ୍ର୍ୟକୁ ବଂଚିରହିବାର ବିଭିନ୍ନ ସମ୍ଭାବନା ପ୍ରଦାନ କରେ।

ଆଧୁନିକ ଜିନ୍ ତତ୍ତ୍ୱର ବିକାଶ ଦ୍ୱାରା ବହୁ ଅମିମାଂସିତ ସମସ୍ୟାର ସମାଧାନ କରିବା ସମ୍ଭବ ହେଉଛି। ଏହା ଦ୍ୱାରା 'ସବୁ ପରିବର୍ତ୍ତନର ମୌଳିକ କାରଣର ଆଭ୍ୟନ୍ତରୀଣ' ଏହି ଧାରଣା ପୁନଃ ପ୍ରତିଷ୍ଠିତ ହୋଇଛି। ବାହ୍ୟ ଦ୍ୱନ୍ଦ୍ୱର ଭୂମିକା ସଂପର୍କରେ ଆମ ଧାରଣା ଆହୁରି ବିକଶିତ ହୋଇଛି। ଜିନ୍‌ତତ୍ତ୍ୱର ପ୍ରାଥମିକ ଦିନ ଗୁଡିକରେ ଡାରଉଇନଙ୍କ ତତ୍ତ୍ୱର କାର୍ଯ୍ୟକାରଣ ସମ୍ପର୍କ ଅସ୍ପଷ୍ଟ ଥିଲା, ଆଜି ତାହା ସଂପୂର୍ଣ୍ଣ ସ୍ପଷ୍ଟ ହୋଇଛି।

### ଉପସଂହାର

ଅସଲ କଥା ହେଉଛି, ଦ୍ୱାନ୍ଦ୍ୱିକ ବସ୍ତୁବାଦ ଦର୍ଶାଇଥିବା ପଥରେ ହିଁ ବିଜ୍ଞାନ କ୍ରିୟା କରି ଚାଲିଛି, ଯଦିଓ ବୈଜ୍ଞାନିକମାନେ ସେହି ବିଷୟରେ ସର୍ବଦା ସଚେତନ ନରହି ପାରନ୍ତି। ଅତଏବ, ଆମର କର୍ତ୍ତବ୍ୟ ହେଉଛି ଏହି ବିଷୟରେ ସଚେତନତା ବୃଦ୍ଧି କରିବା ଯାହା ଫଳରେ ଦ୍ୱାନ୍ଦ୍ୱିକ ବସ୍ତୁବାଦ ବିଜ୍ଞାନ ଚର୍ଚ୍ଚାର ଅବିଚ୍ଛେଦ୍ୟ ଅଂଶ ରୂପେ ପୁନଃ ପ୍ରତିଷ୍ଠିତ ହୋଇପାରିବ।

ଦ୍ୱନ୍ଦ୍ୱମୂଳକ ବସ୍ତୁବାଦର ମୌଳିକ ଧାରଣା ଗୁଡିକୁ ପରବର୍ତ୍ତୀ କାଳରେ ମାର୍କ୍ସବାଦୀ ଦାର୍ଶନିକମାନେ ଆହୁରି ବିକଶିତ କରିଛନ୍ତି ଏବଂ ଏକ ସୁସଂହତ ଜ୍ଞାନଭଣ୍ଡାର ଏବଂ କର୍ମପ୍ରକ୍ରିୟା ସୃଷ୍ଟି କରିଛନ୍ତି। ଯଦି ଆମେ ମନେ କରୁ ଯେ ଏହି ଦର୍ଶନ ଦ୍ୱାରା ଆମେ ବିଜ୍ଞାନର ବିଭିନ୍ନ ଆଧୁନିକ ଧାରଣାର ବିଶ୍ଳେଷଣ ଓ ଉପଲବ୍ଧି କରିବାକୁ ସକ୍ଷମ ହେବୁ, ତାହେଲେ ଆମର ଉଚିତ ବିଭିନ୍ନ 'ସଂଶୋଧନବାଦୀ' ମତବାଦ ଯେଭଳି ଉତ୍ତର-ଆଧୁନିକତା(Post Modrenism), ଏମ୍ପିରିଓ-ମୋନିଜିମ(Empirio-Monism), ନୂଆ ବସ୍ତୁବାଦ (New Materialsim), ଉତ୍ତର-ମାନବତାବାଦ (Post Humanism) ଇତ୍ୟାଦିକୁ ପରାସ୍ତ କରିବା।

ଏହା ସହିତ ବିଶ୍ୱ ତମାମ ଆଧୁନିକ ବିଜ୍ଞାନର ବିଭିନ୍ନ ଶାଖାରେ ଯେଉଁ ସବୁ ନୂତନ ଚିନ୍ତାର ବିକାଶ ଘଟୁଛି, ସେଗୁଡ଼ିକୁ ତନ୍ନ ତନ୍ନ କରି ଜାଣିବା ଓ ବୁଝିବା ସମସ୍ତ ମାର୍କ୍ସବାଦୀଙ୍କ ପକ୍ଷରେ ଉଚିତ। ଐତିହାସିକ ଭାବରେ ବିଜ୍ଞାନର ଅଗ୍ରଗତିର ଭିତ୍ତିରେ ଦ୍ୱାନ୍ଦ୍ୱିକ ବସ୍ତୁବାଦୀ ଦର୍ଶନର ବିକାଶ ଘଟିଥିଲା। ସୁତରାଂ ବର୍ତ୍ତମାନ ଯୁଗରେ ମଧ୍ୟ ବିଜ୍ଞାନର ଅଗ୍ରଗତି ସହିତ ସାମଞ୍ଜସ୍ୟ ରଖି ଏହି ଦର୍ଶନର କ୍ରମବିକାଶ ବଜାୟ ରଖିବା ଆମର କର୍ତ୍ତବ୍ୟ।

★★★

## ଦିନକୁ ଦିନ . . .

*(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

ଅଧିବାସୀମାନଙ୍କ ଉପରେ ଏ ସରକାରର ଆକ୍ରମଣ ପ୍ରକୃତରେ ଅତ୍ୟନ୍ତ ଲୋମହର୍ଷଣକାରୀ। ନିକଟରେ ଘଟିଥିବା କିଛି ଘଟଣା ସେହି କଥା କୁହେ। ସିଜିମାଳି ସୁରକ୍ଷା ଆନ୍ଦୋଳନର ଜଣେ ବୃଦ୍ଧା କର୍ମୀ ଶ୍ରୀମତୀ ନାରଙ୍ଗି ଦେଇ ମାଝି ସ୍ଥାନୀୟ କାଶୀପୁର ହସପିଟାଲରେ ଚିକିତ୍ସା ସେବା ନମିଳିବାରୁ ନିଜର ଆସନ୍ନ ପ୍ରସବା ବୋହୂକୁ ନେଇ ସୁଦୂର ରାୟଗଡା ହସ୍ପିଟାଲକୁ ଯାଇଥିଲେ। ହସ୍ପିଟାଲରେ ପହଞ୍ଚୁ ପହଞ୍ଚୁ ହିଁ ନିଜର ବୋହୂଙ୍କର ଅଜାଣତରେ ନାରଙ୍ଗି ଦେଇଙ୍କୁ ପୋଲିସ ଗିରଫ କରି ମିଥ୍ୟା ମକଦ୍ଦମା ଦେଇ ଜେଲରେ ଭର୍ତ୍ତି କରିଦେଲା। ଅସହାୟା ବୋହୂ ଏକାକୀ ହସପିଟାଲରେ ପଡିରହି ସନ୍ତାନ ପ୍ରସବ କଲା। ପୁଣି ଅନ୍ୟାନ୍ୟ ଆନ୍ଦୋଳନକାରୀମାନଙ୍କ ଘର ଦୋକାନ ସବୁ ଲୁଟପାଟ ହେଉଛି। ଲାବଣ୍ୟ ନାୟକ ନାମକ ଜଣେ ଗରିବ ଆନ୍ଦୋଳନକାରୀଙ୍କ ଛୋଟିଆ ଦୋକାନଟିକୁ ଧ୍ୱଂସ କରିଦିଆଯାଇଛି। ଆନ୍ଦୋଳନର ଅନ୍ୟତମ ନେତା କାର୍ତ୍ତିକ ନାୟକଙ୍କୁ ବାରମ୍ବାର ମିଥ୍ୟା ମକଦ୍ଦମା ଦେଇ ଜେଲ ପଠାଯାଇଛି। ବହୁ ଲୋକ ଆଜି ଜେଲରେ ବନ୍ଦୀ, ମୁକୁଳିବାର ଠିକଣା ନାହିଁ। ପୋଲିସ ଭୟରେ ଲୋକେ ହାଟବାଟ କରିବାକୁ ଏପରିକି ହସ୍ପିଟାଲ ଯିବାକୁ ବି ଭୟ କରୁଛନ୍ତି। ସମସ୍ତ ମାଳି ଅଂଚଳରେ ପୋଲିସ ସନ୍ତ୍ରାସ ଚାଲିଛି। ଏହିଭଳି ବହୁ ଲୋମହର୍ଷଣକାରୀ ଘଟଣାମାନ ରହିଛି। କିଛିମାତ୍ର ଉଲ୍ଲେଖ କରାଗଲା।

ସେହିଭଳି ବିସ୍ତୀର୍ଣ୍ଣ କୋଇଲା ଖଣି, ନଦ ନଦୀ, ଜଙ୍ଗଲ ଓ ଅନ୍ୟାନ୍ୟ ପ୍ରାକୃତିକ ସଂପଦରେ ଭରପୁର ଅନୁଗୁଳ ଜିଲ୍ଲା ଜିନ୍ଦଲ, ଟାଟା, ମୋନେଟ୍, ଆଦାନୀ, ଅମ୍ବାନୀ ଭଳି କମ୍ପାନୀମାନଙ୍କ ପାଇଁ ସ୍ୱର୍ଗ ରାଜ୍ୟରେ ପରିଣତ ହୋଇଥିବାବେଳେ ସାଧାରଣ ଲୋକଙ୍କ ପାଇଁ ନର୍କପୁରରେ ପରିଣତ ହୋଇଛି। ଦେଶର ଅନ୍ୟତମ ସର୍ବାଧିକ ପ୍ରଦୂଷିତ ଜିଲ୍ଲା ହେଉଛି ଅନୁଗୁଳ। ତାଳଚେର, ଅନୁଗୁଳ ଆଦି ସହରକୁ ଧୂଳି ଓ ଧୂଆଁର ସହର ବୋଲି କୁହାଯାଉଛି। ସାତକୋଶିଆ ଅଭୟାରଣ୍ୟରୁ ସ୍ୱେଚ୍ଛାକୃତ ସ୍ଥାନାନ୍ତରଣ ନାଁରେ ବଳପୂର୍ବକ ବିସ୍ଥାପନ କରାଯାଉଛି। ଟିକରପଡା ଜଙ୍ଗଲରେ କେତେବେଳେ 'ସୁନ୍ଦରୀ' ବାଘ ତ କେତେବେଳେ ଭୟଙ୍କର ଦନ୍ତା ହାତୀ ଓ ବିଷଧର ସାପ ଛାଡି ଦେଇ ଲୋକମାନଙ୍କୁ ମରଣ ମୁହଁକୁ ଠେଲି ଦିଆଯାଉଛି, ଯାହାଫଳରେ କି ଲୋକେ ଆପେ ଆପେ ଘରଦ୍ୱାର ଛାଡି କୁଆଡେ ପଳାଇବେ। ହାତୀ କୁମ୍ଭୀର ଆକ୍ରମଣରେ ଲୋକ ମରୁଛନ୍ତି। ଏଠି ମଧ୍ୟ ସେହି ନୀତି, ଲାଠି ଗୁଳି ବନ୍ଧୁକ ଦେଖାଇ ଆନ୍ଦୋଳନକୁ ଦମନ କରି ମିଥ୍ୟା ପ୍ରଲୋଭନ ଦେଖାଇ ଲୋକମାନଙ୍କୁ ପ୍ରଲୁବ୍ଧ କର। ନଚେତ, ବିଭାଜନକାରୀ ରାଜନୀତିର ମାୟାଜାଲରେ ଲୋକଙ୍କୁ ଛନ୍ଦି ଦିଅ। ତା' ସତ୍ତ୍ୱେ ବି ଜନଗଣ ଏ ଅଂଚଳରେ ସଂଘବଦ୍ଧ ହୋଇ କୃଷି ଜମି, ଜଙ୍ଗଲ ଓ ଜୀବନ ଜୀବିକା ସୁରକ୍ଷା ପାଇଁ ଲଗାତର ଆନ୍ଦୋଳନ ଜାରି ରଖିଛନ୍ତି।

ପ୍ରସଙ୍ଗତଃ ୨୦୧୫ ମସିହାର ତତ୍‌କାଳୀନ ରାଜ୍ୟ ବିଜେଡି ସରକାରଙ୍କ ଶିଳ୍ପ ସଂକ୍ରାନ୍ତ ପ୍ରସ୍ତାବ ବା ଇଣ୍ଡଷ୍ଟ୍ରିଆଲ ପଲିସି ରିଜୋଲ୍ୟୁସନରେ ଥିବା ତଥ୍ୟ ଉଲ୍ଲେଖ କରାଯାଇପାରେ। ଏଥିରେ କୁହାଯାଇଛି, "ଓଡିଶା ଦେଶର ଅନ୍ୟତମ ଖଣିଜ ସଂପଦ ସମୃଦ୍ଧ ରାଜ୍ୟ। ଏଠି ଦେଶର ୩୩ ପ୍ରତିଶତ ଲୁହାପଥର, ୯୭.୯ ପ୍ରତିଶତ କ୍ରୋମାଇଟ୍, ୯୨.୫ ପ୍ରତିଶତ ନିକେଲ, ୫୧ ପ୍ରତିଶତ ବକ୍ସାଇଟ୍ ଏବଂ ୩୩.୨ ପ୍ରତିଶତ କୋଇଲା ଅଛି। ଆହୁରି ମଧ୍ୟ ପ୍ରଚୁର ଜଳ ରହିଛି।" ୨୦୨୧ ପ୍ରସ୍ତାବରେ କୁହାଯାଇଛି "ଖଣିଜ ସଂପଦର ପ୍ରାଚୁର୍ଯ୍ୟତା, ଜଳର ଉପଲବ୍‌ଧତା, ମାଲ ସରବରାହ ପାଇଁ ଉନ୍ନତ ପରିବହନ ବ୍ୟବସ୍ଥା, ଜଙ୍ଗଲ ସଂପଦ ଏବଂ ଉନ୍ନତ ସାଂସ୍କୃତିକ ଐତିହ୍ୟ ଯୋଗୁ ଓଡିଶା ଶିଳ୍ପପତିମାନଙ୍କ ନିମନ୍ତେ ପୁଞ୍ଜି ବିନିଯୋଗର ଏକ ସୁବିଧାଜନକ ଲକ୍ଷ୍ୟସ୍ଥଳ ଭାବେ ପରିଗଣିତ ହୋଇଛି।"

ସେଥିପାଇଁ ବୋଧେ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର କ୍ଷିପ୍ର ଗତିରେ ସବୁ ସଂପଦକୁ ପୁଞ୍ଜିପତିମାନଙ୍କ ହାତରେ ଟେକି ଦେବାପାଇଁ ଆଗେଇ ଚାଲିଛନ୍ତି। ପ୍ରତିଦିନ କୋଟି କୋଟି ଟଙ୍କାର ପୁଞ୍ଜିନିବେଶ, ପୁଞ୍ଜିପତିମାନଙ୍କ ବିଭିନ୍ନ ମେଳା ବା କନ୍‌କ୍ଲେଭ ଲଗାଇ ଚାଲିଛନ୍ତି। ନିଯୁକ୍ତିର ଧୂଆଁବାଣ ମାରିଚାଲିଛନ୍ତି। କିନ୍ତୁ ସରକାରୀ ନିୟନ୍ତ୍ରିତ ଗଣମାଧ୍ୟମର ନେପଥ୍ୟରେ ଆଉ ନିରବରେ ଚାଲିଛି ଏହି ନାରକୀୟ ବର୍ବର ଦମନଲୀଳା। କଣ୍ଠ ଫଟେଇ ଏହାରି ହିଁ ନାଁ ଦେଇଛନ୍ତି ବିକାଶ, ଆଉ ସେମାନେ କହୁଛନ୍ତି ଏହି ବିକାଶର ପଥରେ କାଲେ ୨୦୩୬, ସ୍ୱତନ୍ତ୍ର ଓଡିଶାର ଶତବର୍ଷ ଓ ୨୦୪୭ ସ୍ୱାଧୀନ ଭାରତର ଶତବର୍ଷ ଧୁମଧାମରେ ପାଳନ ହେବ, ଏକ ବିକଶିତ ସମୃଦ୍ଧ ଓଡିଶା ଓ ଭାରତ ପୃଥିବୀ ମାନଚିତ୍ରରେ ଝଲସି ଉଠିବ। ବିଚାର କରିବାର ବେଳ ଆସିଛି, ମଣିଷର ଶ୍ମଶାନ ଉପରେ, ପ୍ରକୃତିର ଧ୍ୱଂସସ୍ତୁପ ଉପରେ କେଉଁ ବିକାଶ ଆଉ କାହାର ବିକାଶର ସୌଧ ନିର୍ମାଣ ହେବ? ★★★

Regd.No-ORI ORI/2011/37220 • VOL. NO. 13, ISSUE NO. 21 • ମୂଲ୍ୟ-୫ଟଙ୍କା

# ୧୨ ଫେବୃୟାରୀ ସର୍ବଭାରତୀୟ ସାଧାରଣ ଧର୍ମଘଟ ସମ୍ପୂର୍ଣ୍ଣ ସଫଳ












ଶ୍ରମିକ-କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ରଦ୍ଦ କରିବା, ଶ୍ରମ ଶକ୍ତି ନୀତି-୨୦୨୫କୁ ବାତିଲ କରିବା,ବିଦ୍ୟୁତ୍ ସଂଶୋଧନ ବିଲ୍ ୨୦୨୫କୁ ପ୍ରତ୍ୟାହାର କରିବା,ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଖୁଚୁରା ବ୍ୟବସାୟୀ,ବ୍ୟାଙ୍କ୍, ବୀମା କ୍ଷେତ୍ରରେ ଏଫ୍.ଡି.ଆଇ ବନ୍ଦ କରିବା, ଅତ୍ୟାବଶ୍ୟକ ଦ୍ରବ୍ୟର ଦରବୃଦ୍ଧି ବନ୍ଦ କରିବା, ପାଚିକା-ସହାୟିକା, ଆଶା, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା, ପୁରୁଣା ପେନସନ୍ ସ୍କିମ୍ ପୁନଃପ୍ରଚଳନ କରିବା, ନିର୍ମାଣ ଶ୍ରମିକ, ବିଡି ଶ୍ରମିକ, ପରିଚାରିକାଙ୍କ ସମେତ ସମସ୍ତ ଅଣସଂଗଠିତ ଶ୍ରମିକଙ୍କୁ ସମସ୍ତ ସରକାରୀ ସହାୟତା ଓ ସାମାଜିକ ସୁରକ୍ଷା ଦେବା, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି)ର ଆଇନଗତ ଗ୍ୟାରେଣ୍ଟି ଦେବା ଏବଂ ଅନ୍ୟାନ୍ୟ ଦାବିରେ ଏ.ଆଇ.ୟୁ.ଟି.ୟୁ.ସି ସମେତ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ କର୍ମଚାରୀ ଫେଡେରେସନ ମାନଙ୍କ ମିଳିତ ଆହ୍ୱାନରେ ୧୨ ଫେବୃୟାରୀ ୨୦୨୬ରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଅନୁଷ୍ଠିତ ହୋଇ ଯାଇଛି। ଦେଶର ଶ୍ରମିକ, କର୍ମଚାରୀ, କୃଷକ, ତଥା ଜନସାଧାରଣ ଏହି ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିଥିବାରୁ ସମାନଙ୍କୁ ଏଆଇୟୁଟିୟୁସି ପକ୍ଷରୁ ସଂଗ୍ରାମୀ ଅଭିନନ୍ଦନ ଜ୍ଞାପନ କରା ଯାଇଛି।

ଓଡିଶା ରାଜ୍ୟର ବିଭିନ୍ନ ସ୍ଥାନରେ ଏଆଇୟୁଟିୟୁସି ପକ୍ଷରୁ ସାଧାରଣ ଧର୍ମଘଟର କାର୍ଯ୍ୟକ୍ରମମାନ ସଂଗଠିତ କରିବା ସହିତ ମିଳିତ କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରା ଯାଇଛି। ଯାଜପୁର ଜିଲ୍ଲାର ଜାରକା ଓ କବାଟ ବନ୍ଧ, କଟକ ଜିଲ୍ଲାର ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ, କିଶୋରନଗର ତହସିଲ ଅଫିସ୍ ସମ୍ମୁଖରେ, କଟକ ଜିଲ୍ଲାର ନିଶ୍ଚିନ୍ତ କୋଇଲି, ବାରଙ୍ଗ ବ୍ଲକ ଅଫିସ୍ ସମ୍ମୁଖରେ, ବାଙ୍କି ଉପଜିଲ୍ଲାପାଳ ଅଫିସ୍ ସମ୍ମୁଖରେ, ଅନୁଗୁଳ ଜିଲ୍ଲାର କିଶୋରନଗର ତହସିଲ ଅଫିସ୍ ସମ୍ମୁଖରେ, ମୟୂରଭଞ୍ଜ ଜିଲ୍ଲାର ଯଶିପୁରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭୁବନେଶ୍ୱର, ଖୋର୍ଦ୍ଧା, ବାଲେଶ୍ୱର, ରାଉରକେଲା, ଭଦ୍ରକ, ଅନୁଗୁଳ ଜିଲ୍ଲାର ଅନୁଗୁଳ ଓ ଏନ୍ଟିପିସି କଣିହାଁ, କୋରାପୁଟ ଜିଲ୍ଲାର ଜୟପୁର ଓ ବୈପାରୀଗୁଡା, ଯାଜପୁର ଜିଲ୍ଲାର ଯାଜପୁର ରୋଡ୍, କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା ସହର, ଜଗତସିଂହପୁର ଜିଲ୍ଲାର ଜଗତସିଂହପୁର, ବଲାଙ୍ଗୀର ଜିଲ୍ଲାର ବଲାଙ୍ଗୀର ସହରରେ ମିଳିତ ଆନ୍ଦୋଳନରେ ଏଆଇୟୁଟିୟୁସି ପକ୍ଷରୁ ଅଂଶଗ୍ରହଣ କରାଯାଇ ଥିଲା। ଏହି ସମସ୍ତ କାର୍ଯ୍ୟକ୍ରମଗୁଡ଼ିକରେ ଏଆଇୟୁଟିୟୁସି ଓଡିଶା ରାଜ୍ୟ କମିଟିର କର୍ମକର୍ତ୍ତା ଓ ସଭ୍ୟମାନେ ଏବଂ ବିଭିନ୍ନ ଜିଲ୍ଲାର କର୍ମକର୍ତ୍ତା ଓ ସଭ୍ୟମାନେ ନେତୃତ୍ୱକାରୀ ଭୂମିକା ପାଳନ କରିଥିଲେ।












Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das